**ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାର ଅସଲ ଚିତ୍ର**

# ଦାମୀ ଜିନିଷ ନ ଦେଲେ ମିଳୁନି ହ୍ୱିଲଚେୟାର

**ବଲାଙ୍ଗିର, ୯ ।୪(ସମିସ)**

ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲା ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାରେ ବିଭିନ୍ନ ସମୟରେ ଅଭାବନୀୟ ଦୃଶ୍ୟ ସାମ୍ନାକୁ ଆସିଥାଏ। କିଛି ଦିନ ପୂର୍ବରୁ ରୋଗୀଙ୍କୁ ନେବା ଆଣିବା କରିବା ପାଇଁ ଷ୍ଟ୍ରେଚର ମିଳୁ ନ ଥିବା ଅଭିଯୋଗ ହୋଇଥିଲା। ଏପରିକି ଏହାକୁ ନେଇ ସ୍ଥାନୀୟ ବିଧାୟକ ସମୀକ୍ଷା ବୈଠକ କରିବା ପରେ ଏହି ପ୍ରସଙ୍ଗରୁ ଖସିଯିବା ପାଇଁ ଡାକ୍ତରଖାନା କର୍ତ୍ତୃପକ୍ଷ ବିଭିନ୍ନ ଆଳ ଦେଖାଇଥିଲେ। ଏବେ ପୁଣି ଏକ ଘଟଣା ସାମ୍ନାକୁ ଆସିଛି। ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାରେ ଚାଲିଥିବା ଅବ୍ୟବସ୍ଥାକୁ ଏହା ପଦାରେ ପକାଇଛି। ଦୁର୍ଘଟଣାଗ୍ରସ୍ତ ରୋଗୀଙ୍କୁ ନେବା ଆଣିବା କରିବା ପାଇଁ ସମ୍ପର୍କିୟଙ୍କୁ ମୋବାଇଲ ଜିମା ଦେଇ ହ୍ୱିଲ ଚେୟାର ଆଣିବାକୁ ପଡ଼ିଥିଲା। ଆଶ୍ଚର୍ଯ୍ୟର ବିଷୟ ହେଉଛି ଏହିଭଳି ବ୍ୟବସ୍ଥା କରିବା ପାଇଁ ନିଜେ ଡିନ୍ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

କଳାହାଣ୍ଡି ଅଞ୍ଚଳର ଜଣେ ବ୍ୟକ୍ତି ବଲାଙ୍ଗିର ଜିଲ୍ଲାରେ ଦିନକ ତଳେ ଦୁର୍ଘଟଣାର ଶିକାର ହୋଇଥିଲେ। ତାଙ୍କୁ ତାଙ୍କ ପରିଚିତ ଲୋକମାନେ ଡାକ୍ତରଖାନାରେ ଭର୍ତ୍ତି କରି ତାଙ୍କ ଭାଇ ଦୀପକ ଚୌଧୁରୀଙ୍କୁ ଖବର ଦେଇଥିଲେ। ପ୍ରଥମେ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ଓ ପରେ ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ଦୁର୍ଘଟଣାଗ୍ରସ୍ତ ଯୁବକଙ୍କୁ ଡାକ୍ତରଖାନାକୁ ଆଣି ଜରୁରୀକାଳୀନ ବିଭାଗରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ଦେଖିବା ପରେ ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ କହିଥିଲେ।



- ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ଦୁର୍ଭାଗ୍ୟଜନକ ଚିତ୍ର
- ଦୁର୍ଘଟଣାଗ୍ରସ୍ତ ରୋଗୀ ହଇରାଣ
- ଷ୍ଟ୍ରେଚର ମଧ୍ୟ ମିଳୁନି

ଯେହେତୁ ଯୁବକ ଜଣକ ଦୁର୍ଘଟଣାରେ ଗୁରୁତର ହୋଇଥିଲେ ତେଣୁ ତାଙ୍କୁ ନେବା ଆଣିବା କରିବା ପାଇଁ ହ୍ୱିଲ ଚେୟାର ପାଇଁ କହିଥିଲେ। ସେଠାରେ କାର୍ଯ୍ୟରତ ଥିବା କର୍ମଚାରୀ ହ୍ୱିଲ୍ ଚେୟାର ଦେଇଥିଲେ ସତ; କିନ୍ତୁ ତାଙ୍କୁ ତାଙ୍କ ମୋବାଇଲ ଜିମା ଦେବାକୁ ପଡ଼ିବ ବୋଲି ସେମାନେ କହିଥିଲେ; କିନ୍ତୁ କାହିଁକି ବୋଲି ସେ ପ୍ରଶ୍ନ କରିବା ପରେ ମଧ୍ୟ କର୍ମଚାରୀମାନେ ଅଧିକାରୀଙ୍କ ନିର୍ଦ୍ଦେଶ ରହିଥିବା କହିଥିଲେ। ଏହାଫଳରେ ବ୍ୟକ୍ତି ଜଣକ ମୋଇବାଲ ସହ ନିଜ ପର୍ସ ମଧ୍ୟ କର୍ମଚାରୀଙ୍କ ଟେବୁଲରେ ଜିମା ଦେଇ ହ୍ୱିଲ ଚେୟାର ନେଇଥିଲେ।

ଏହି ଘଟଣା ସାମ୍ନାକୁ ଆସିବା ପରେ ସମ୍ପୃକ୍ତ ବ୍ୟକ୍ତି ଜଣକ ଏହିଭଳି ବ୍ୟବସ୍ଥାକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ଏନେଇ ମେଡିକାଲ କଲେଜ ଡିନ୍ ସ୍ୱର୍ଣ୍ଣପ୍ରଭା ସାହୁଙ୍କୁ ପଚାରିବାରୁ ସେ ଏହାକୁ ସ୍ୱୀକାର କରିଥିଲେ। ରୋଗୀ ବାହାନାରେ ହ୍ୱିଲ ଚେୟାର ନେଇ ଚାଲିଯିବାର ସମ୍ଭାବନା ରହିଥିବାରୁ ଏହିଭଳି ବ୍ୟବସ୍ଥା କରାଯାଇଥିବା କହିଥିଲେ। ତେବେ ଏଠି ପ୍ରଶ୍ନ ଉଠୁଛି ହ୍ୱିଲ ଚେୟାର ଚୋରି ହେବା ଘଟଣା ପୂର୍ବରୁ ଘଟିଛି କି। ଯଦି ଏହିଭଳି କରାଯାଉଛି ତେବେ ଡାକ୍ତରଖାନାରେ ସୁରକ୍ଷା କର୍ମୀ କାହିଁକି ନିୟୋଜିତ ରହିଛନ୍ତି। ସେମାନେ ନିଜ କାମ ଠିକ୍‌ରେ କରୁଛନ୍ତି ତ। ଡାକ୍ତରଖାନାରେ ସିସିଟିଭି ଲାଗିଛି ନା ନାହିଁ। ଯଦି ଲାଗିଛି ତେବେ ଏହିଭଳି ସାହସ କିଏ କରିବ ବୋଲି ଲୋକେ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ଜଣେ ରୋଗୀଙ୍କୁ ସମ୍ପର୍କିୟମାନେ ଜରୁରୀକାଳିନ ଅବସ୍ଥାରେ ଆଣିବା ସମୟରେ ସେମାନଙ୍କ ମାନସିକ ସ୍ଥିତି କିଭଳି ରହିଥାଏ ତାହା ସମସ୍ତଙ୍କୁ ଜଣା। ସେହିଭଳି ଏକ ସମୟରେ କେହି ଡାକ୍ତରଖାନା ସାମଗ୍ରୀ ଚୋରି କରିବାକୁ ଚିନ୍ତା କରିବ କି। ଏହା ଗୋଟିଏ ଦିନର ଘଟଣା ନୁହଁ। ପ୍ରତିଦିନ ରୋଗୀଙ୍କୁ ଏହିଭଳି ଭାବେ କର୍ମଚାରୀ ମାନେ ହଇରାଣ କରୁଥିବା ବେଳେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବାରେ ଲାଗିଛି। ଏହିଭଳି ସ୍ଥିତିରେ ଯଦି ହ୍ୱିଲ ଚେୟାର କିମ୍ବା ଅନ୍ୟ ସାମଗ୍ରୀ ପାଇଁ ଲୋକଙ୍କୁ ମୋବାଇଲ ଭଳି ସାମଗ୍ରୀ ଜିମା ଦେବାକୁ ପଡେ ତେବେ ଏହାଠାରୁ ଆଉ ଦୁର୍ଭାଗ୍ୟଜନକ ବିଷୟ କଣ’ ହୋଇପାରେ ବୋଲି ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଇଛନ୍ତି। ଏହିଭଳି ଏକ ଦୁର୍ଭାଗ୍ୟଜନକ ଚିତ୍ର ସାମ୍ନାକୁ ଆସିଥିବା ବେଳେ ଏହାର ନିରପେକ୍ଷ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

# ସିକୁଆଁରେ ପ୍ରସ୍ତାବିତ ବ୍ୟାରେଜ ଶୀଘ୍ର ନିର୍ମାଣ ଦାବି

## ଜରାସିଂହା ଏବଂ ଦେଓଗାଁରେ ନୂତନ ବ୍ୟାରେଜ ସ୍ଥାପନ ପାଇଁ ମଧ୍ୟ ଦାବି

**ବଲାଙ୍ଗିର/ଦେଓଗାଁ, ୯ ।୪(ସମିସ):** ଦେଓଗାଁ ବ୍ଲକ କଂଗ୍ରେସ ସଭାପତି ରାମଜୀ ଚୌଧୁରୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳ ଜିଲ୍ଲା ପ୍ରଶାସନକୁ ଭେଟିଛନ୍ତି। ସିକୁଆଁର ପ୍ରସ୍ତାବିତ ବ୍ୟାରେଜ ନିର୍ମାଣ କାର୍ଯ୍ୟ ଶୀଘ୍ର ଆରମ୍ଭ କରିବା ପାଇଁ ଏମାନେ ଦାବି କରିଛନ୍ତି। ସେହିଭଳି ସୋନଗଡ଼ ନଦୀରେ ଦେଓଗାଁ ଓ ଜରାସିଂହାଠାରେ ନୂତନ ବ୍ୟାରେଜ ସ୍ଥାପନ ପାଇଁ ଦାବି କରିଛନ୍ତି। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରାଙ୍କୁ ଏମାନେ ସାକ୍ଷାତ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କକରିଥିଲେ। ୭ ଦିନ ମଧ୍ୟରେ ଏହି ୩ଟି ପ୍ରକଳ୍ପ ନିର୍ମାଣ ବାବଦରେ ରାଜ୍ୟ ସରକାର ଯଦି କୌଣସି ପ୍ରକାର ପ୍ରକ୍ରିୟା ଆରମ୍ଭ ନ କରନ୍ତି ତାହା ହେଲେ କଂଗ୍ରେସ ବାଧ ହୋଇ ରାସ୍ତାକୁ ଓହ୍ଲାଇବ। ଦେଓଗାଁରେ ଜାତୀୟ ରାଜପଥ ଅବରୋଧ କରିବ ବୋଲି ଚେତାବନୀ ଦେଇଛି। ବ୍ଲ୍ ଉପାଧକ୍ଷା ସୁଶ୍ରୀ ସୂର୍ଯ୍ୟକାନ୍ତି ଛତ୍ରିଆ, ବନ୍ଧପଡ଼ା ସମିତି ସଭ୍ୟ କାନ୍ତେଶ୍ୱର ପ୍ରଧାନ, ଡୁମେରପିଟା ସମିତି ସଭ୍ୟ ସଂକୀର୍ତ୍ତନ ବାଗ, ହାତୀସରା ସମିତି ସଭ୍ୟ ବିଶ୍ୱଜିତ ପାତ୍ର, ସିକୁଆଁ ସରପଞ୍ଚ ରାଜ କୁମାର ଭୋଇ, ବଡବନ୍ଧ ସରପଞ୍ଚ ଜଗବନ୍ଧୁ ମେହେର, ସାରସମାଲ ସରପଞ୍ଚ ଗୋପାଳ କୃଷ୍ଣ ବାଗ, ଜିଲ୍ଲା ଏସ୍‌ଟି ସେଲ୍‌ଫ ସଭାପତି ମୟ ପ୍ରଧାନୀ, ଜିଲ୍ଲା ସେବାଦଳ ମୁଖ୍ୟ ଅସୀତ ମିଶ୍ର, କଂଗ୍ରେସ ନେତା କୈଳାସ ମିଶ୍ର, ପ୍ରଦୀପ ପ୍ରଧାନ, ଅନନ୍ତ ଚୌହାନ, ମନବୋଧ ହରପାଲ, ଲେକଚର ପ୍ରଧାନ, ଗଣ୍ଡାରାମ ପ୍ରଧାନ, ନେହେରୁ ଦୀପ, ଚୈତନ୍ୟ ଛତ୍ରିଆ, ନରଞ୍ଜନ ନାଏକ, ରାହୁଲ ପୋଡ, ସ୍ୱାଧୀନ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଦାବିପତ୍ରରେ ଦର୍ଶାଯାଇଛି ଯେ, ଦେଓଗାଁ ବ୍ଲକ ଚିର ମରୁଡ଼ି ଅଞ୍ଚଳ ଭାବେ ପରିଗଣିତ। ଦେଓଗାଁର ଗଙ୍ଗା କୁହାଯାଉଥିବା ସୋନଗଡ଼ ନଦୀରେ ବ୍ୟାରେଜ ନିର୍ମାଣ ହେଲେ ଦେଓଗାଁ ବ୍ଲକର ଅନେକ ଗାଁ ଜଳସେଚିତ ହୋଇପାରିବ। ଏହା ସହ ପାନୀୟଜଳ ସମସ୍ୟା ମଧ୍ୟ ଦୂର ହୋଇପାରିବ ବୋଲି ପ୍ରତିନିଧି ମଣ୍ଡଳୀ ଅବଗତ କରିଥିଲେ। ଦେଓଗାଁ ବ୍ଲକର ସୋନଗଡ଼ ନଦୀରେ ସିକୁଆଁ, ଦେଓଗାଁ ଓ ଜରାସିଂହା ନିକଟରେ ବ୍ୟାରେଜ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ନିକଟରେ ପ୍ରସ୍ତାବ ରହିଥିଲା। କେବଳ ସିକୁଆଁ ନିକଟରେ ବ୍ୟାରେଜ ନିର୍ମାଣ ପାଇଁ ବୈଷୟିକ ଓ ପ୍ରଶାସନିକ ମଞ୍ଜୁରୀ ମିଳିଛି। ତେବେ ଅତି ଦୁଃଖର ବିଷୟ ନୂତନ ସରକାରକୁ ୨ବର୍ଷ ବିତିଯାଇଥିଲେ ମଧ୍ୟ ବ୍ୟାରେଜ ନିର୍ମାଣ ଆରମ୍ଭ ହୋଇପାରିନାହିଁ।



# ବର୍ଦ୍ଧିତ ବେଞ୍ଚମାର୍କ ଭାଲୁଏସନ୍ ନେଇ ବିଧାୟକଙ୍କ ଉଦ୍‌ବେଗ

**ବଲାଙ୍ଗିର, ୯ ।୪(ସମିସ):** ବଲାଙ୍ଗିର ଜିଲ୍ଲାରେ ଜମିର ବେଞ୍ଚମାର୍କ ଭାଲୁଏସନ୍ (ବିଏମଭି)ରେ ସମ୍ପ୍ରତି ହୋଇଥିବା ହଠାତ୍ ବୃଦ୍ଧି ନେଇ ବିଭିନ୍ନ ମହଲରେ ଚିନ୍ତା ପ୍ରକାଶ ପାଇଛି। ସ୍ଥାନୀୟ ବିଧାୟକ କଳିକେଶ ନାରାୟଣ ସିଂହଦେଓ ଏହି ପ୍ରସଙ୍ଗରେ ମୂଳ ନୀତିକୁ ପୁନର୍ବିଚାର କରିବାକୁ ଦାବି କରିଛନ୍ତି। ଜିଲ୍ଲା ପ୍ରଶାସନ ସହ ହୋଇଥିବା ବିସ୍ତୃତ ସମୀକ୍ଷା ପରେ ଜଣାପଡ଼ିଛି ଯେ, ରାଜ୍ୟ ସରକାରଙ୍କ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରକ୍ରିୟା ଅନୁଯାୟୀ ପ୍ରକ୍ରିୟା ପାଳନ କରାଯାଇଛି; କିନ୍ତୁ ଫଳାଫଳ ଦେଖାଉଛି ଯେ ବର୍ତ୍ତମାନ ନୀତି ଭୂମିସ୍ତରର ବାସ୍ତବ ପରିସ୍ଥିତିକୁ ଠିକ୍ ଭାବରେ ପ୍ରତିଫଳିତ କରୁନାହିଁ। କିଛି ଅଞ୍ଚଳରେ ଜମିର ମୂଲ୍ୟ ପ୍ରାୟ ଏକର ପ୍ରତି ୧ କୋଟି ୩୦ ଲକ୍ଷ ଟଙ୍କାରୁ ୨ କୋଟି ୩୪ ଲକ୍ଷ ଥିବାବେଳେ ବର୍ତ୍ତମାନ ପ୍ରାୟ ୫ କୋଟି ୩୧ ଲକ୍ଷ ପର୍ଯ୍ୟନ୍ତ ବଢ଼ିଛି। ଏହା ପଛରେ ବଜାରରେ ସେହିପରି ବୃଦ୍ଧି କିମ୍ବା କ୍ରୟ କ୍ଷମତାର ବୃଦ୍ଧି ଦେଖାଯାଇନାହିଁ। ଏହି ପ୍ରସଙ୍ଗରେ ଏକ ମୁଖ୍ୟ ଚିନ୍ତାର କାରଣ ହେଉଛି ସହର ଅଞ୍ଚଳର ଜମିର ମୂଲ୍ୟ ନିର୍ଦ୍ଧାରଣ ପ୍ରଣାଳୀ। ବର୍ତ୍ତମାନ ଅଧିକାଂଶ ସହର ଜମିକୁ ତାହାର ପ୍ରକୃତ କିସମ୍, ଆକାର କିମ୍ବା ଅବସ୍ଥାନକୁ ଅବହେଳା କରି ହୋମଷ୍ଟେଡ୍ ଭଳି ମୂଲ୍ୟ ଧରାଯାଉଛି। ଶ୍ରୀ ସିଂହଦେଓ କହିଛନ୍ତି ଏକ ପକ୍ଷରୁ ଜମିକୁ ହୋମଷ୍ଟେଡ୍ ଭାବରେ ଧରି ଉଚ୍ଚ ଷ୍ଟାମ୍ପ ଶୁଳ୍କ ନିଆଯାଉଛି। ଆଉ ଅନ୍ୟପକ୍ଷରୁ ସେହି ଜମିକୁ ହୋମଷ୍ଟେଡ୍ କରିବା ପାଇଁ ଲଗାତାର ଭାବେ ରୂପାନ୍ତରଣ ଶୁଳ୍କ ନିଆଯାଉଛି। ଏହା ସାଧାରଣ ଲୋକଙ୍କ ପାଇଁ ଦୁଇଥର ଭାର ପଡୁଛି। ଏହି ବିଷୟରେ ସ୍ୱଷ୍ଟ ନୀତି ଆବଶ୍ୟକ ବୋଲି ସେ କହିଛନ୍ତି। ସମସ୍ତ ସହର ଜମିକୁ ହୋମଷ୍ଟେଡ୍ ଭାବେ ଘୋଷଣା କରିବା କିମ୍ବା କିସମ୍ ଓ ବ୍ୟବହାର ଅନୁଯାୟୀ ମୂଲ୍ୟ ଭିନ୍ନ କରିବାକୁ ସେ ଦାବି କରିଛନ୍ତି। ସମୀକ୍ଷାରେ ଆଉ କିଛି ପ୍ରଣାଳୀଗତ ସମସ୍ୟା ମଧ୍ୟ ଚିହ୍ନଟ ହୋଇଛି। ଉଚ୍ଚ ମୂଲ୍ୟର କିଛି ବିକ୍ରି ଉପରେ ଅଧିକ ନିର୍ଭରତା, ବଡ଼ ଜମି ଖଣ୍ଡ ପାଇଁ ସମନ୍ୱୟର ଅଭାବ, ଅବସ୍ଥାନ, ରାସ୍ତା ସଂଯୋଗ ଓ ପ୍ରାଣାଳୀଗତ ସୁବିଧା ଅନୁଯାୟୀ ମୂଲ୍ୟର ପ୍ରଭାବ କମ୍ ରହିବା। ଏହାର ଫଳରେ ବେଞ୍ଚମାର୍କ ଭାଲୁଏସନ୍ ବଜାର ମୂଲ୍ୟଠାରୁ ଅଧିକ ହୋଇପାରୁଛି; ଯାହା ଖରିଦାର ଓ ବିକ୍ରେତା ଉଭୟଙ୍କୁ ପ୍ରଭାବିତ କରୁଛି। ବ୍ୟବହାରିକ ଦୃଷ୍ଟିରୁ କ୍ରେତାଙ୍କୁ ଅଧିକ ଷ୍ଟାମ୍ପ ଶୁଳ୍କ ଦେବାକୁ ପଡୁଛି। ବିକ୍ରେତା ଓ କ୍ରେତା ଉଭୟଙ୍କୁ ଆୟକର ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ବଜାର ମୂଲ୍ୟରେ ଠିକ୍ ଭାବେ ବ୍ୟବହାର କରିବା କଷ୍ଟକର ହେଉଛି। ଯେତେବେଳେ ବେଞ୍ଚମାର୍କ ମୂଲ୍ୟ ବଜାର ସତ୍ୟତାଠାରୁ ଅଧିକ ହୋଇଯାଏ ସମ୍ପୂର୍ଣ୍ଣ ପ୍ରଣାଳୀରେ ଅସୁବିଧା ସୃଷ୍ଟି ହୁଏ ବୋଲି ସେ କହିଛନ୍ତି। ସେ ଏହାକୁ ପ୍ରୟୋଗର ସମସ୍ୟା ନୁହେଁ ବରଂ ନୀତିର ସମନ୍ୱୟର ସମସ୍ୟା ବୋଲି ଉଲ୍ଲେଖ କରିଛନ୍ତି। ସେ ପ୍ରସ୍ତାବ ରଖିଛନ୍ତି। ସମସ୍ତ ସହର ଜମିକୁ ହୋମଷ୍ଟେଡ୍ ଭାବେ ଘୋଷଣା କରିବା କିମ୍ବା କିସମ୍ ଅନୁଯାୟୀ ଭିନ୍ନତା କରିବା, ଅବସ୍ଥାନ, ରାସ୍ତା ସଂଯୋଗ ଓ ପ୍ରାଣାଳୀ ଅନୁଯାୟୀ ମୂଲ୍ୟ ଧରିବା, ବିଭିନ୍ନ ବ୍ୟବହାର ତଥ୍ୟ ଆଧାରିତ ମଧ୍ୟମ ମୂଲ୍ୟ ନିର୍ଦ୍ଧାରଣ, ବେଞ୍ଚମାର୍କ ଭାଲୁଏସନ୍ ଓ ରୂପାନ୍ତରଣ ଶୁଳ୍କ ମଧ୍ୟରେ ସମନ୍ୱୟ ଆଣିବା, ବଲାଙ୍ଗିର କେବିକେ ଅଞ୍ଚଳର ଅଂଶ ହୋଇଥିବାରୁ ଏଠାରେ ଲୋକଙ୍କ କ୍ରୟ କ୍ଷମତା ସୀମିତ ରହିଛି। ଏପରି ନୀତି ଭୂମିସ୍ତରର ଅର୍ଥନୀତିକ କାର୍ଯ୍ୟକଳାପକୁ ବାଧା ଦେଇପାରେ ବୋଲି ବିଧାୟକ ଉଲ୍ଲେଖ କରିବା ସହ ଏହାର ସମାଧାନ ପାଇଁ ସେ ଜିଲ୍ଲାସ୍ତରୀୟ ରାଜସ୍ୱ ଅଧିକାରୀମାନଙ୍କ ସହ ଆଲୋଚନା କରିବା ସହ ସମାଧାନ ପାଇଁ ଦାବି କରିଛନ୍ତି।



# ବାଇକ୍ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**ଦେଓଗାଁ, ୯।୪(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଅଧୀନ ୨୬ନଂ ଜାତୀୟ ରାଜପଥ ଘୁଚିପାଲି ଛକ ନିକଟରେ ବାଇକ୍ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କୁଲୁତାପଡ଼ା ପଞ୍ଚାୟତ ମୁଣ୍ଡପଲା ଗାଁର ଶୁଭ୍ରାଂଶୁ ସେଠ। ଦେଓଗାଁ ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ବଲାଙ୍ଗିର ଭୀମଭୋଇ ମେଡିକାଲକୁ ପଠାଇବା ସହ ଦୁର୍ଘଟଣାଗ୍ରସ୍ତ ବାଇକକୁ ଜବତ କରିଛି। ଏନେଇ ଦେଓଗାଁ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଥିବା ତଦନ୍ତ ଅଧିକାରୀ ସୁରେଶ ଚନ୍ଦ୍ର ବିଶି ସୂଚନା ଦେଇଛନ୍ତି।

# ପୁସ୍ତକ ଅଧ୍ୟୟନ ପ୍ରତି ଆଗ୍ରହୀ ହେବା ଜରୁରୀ

**ଦେଓଗାଁ, ୯।୪(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ପଞ୍ଚାୟତ ସମିତି ଡିଗ୍ରୀ କଲେଜରେ ଗୁରୁବାର ଓଡିଆ ପକ୍ଷ ପାଳିତ ହୋଇଛି। ଅବସରରେ ଆସ ବହିଟିଏ କିଣିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଓଡିଆ ପୁସ୍ତକ ପଠନର ଆବଶ୍ୟକତା, ରୁଚି ଉପରେ ଆଲୋକପାତ କରାଯାଇଥିଲା। ବିଦ୍ୟାର୍ଥୀ ଜୀବନରେ ପୁସ୍ତକ ଅଧ୍ୟୟନ ପ୍ରତି ଆଗ୍ରହୀ ହେବା ଜରୁରୀ ବୋଲି ମତ ପ୍ରକାଶ ପାଇଛି। ସଂସ୍କୃତ ଅଧ୍ୟାପକ ଆଶିଷ ପଣ୍ଡାଙ୍କ ସଂଯୋଜନା କରିଥିବା ବେଳେ ଅଧକ୍ଷ ରମେଶ ଚନ୍ଦ୍ର ପ୍ରଧାନୀ ଅଧକ୍ଷତା କରିଥିଲେ। ପ୍ରାଧ୍ୟାପକ ଡ. ସୁରେଶ ପ୍ରସାଦ ଷଡଙ୍ଗୀ, ଅଧ୍ୟାପିକା ମଞ୍ଜରୀ ପୋଡ଼, ଭାଗ୍ୟଶ୍ରୀ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। ଅଭିନନ୍ଦା ସରାଫ ଧନ୍ୟବାଦ ଅର୍ପଣ କରିଥିଲେ।

# ସିଲେଇ ଶିକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ



**ଟିଟିଲାଗଡ଼, ୯ ।୪(ସମିସ):** ଟିଟିଲାଗଡ଼ ଲାୟନ୍ସ କ୍ଲବ ତରଫରୁ ଏକ ସିଲେଇ ମେସିନ୍ ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଯାଇଛି। କ୍ଲବ୍ ସଭାପତି ଲାୟନ ସଞ୍ଜୟ ସୋନିଙ୍କ ସଭାପତିତ୍ୱରେ ଏହି ଶିବିରକୁ ମୁଖ୍ୟ ଅତିଥି ଭାବେ ଟିଟିଲାଗଡ଼ ପୌର ପରିଷଦର ଅଧକ୍ଷା ତଥା ଲାୟନ୍ସ କ୍ଲବ ସଦସ୍ୟ ମମତା ଦେବୀ ଜୈନ ଉଦ୍‌ଘାଟନ କରିଥିଲେ। ଲାୟନ୍ସ କ୍ଲବ ତରଫରୁ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିର ହୋଇଛି। ମହିଳା ତଥା ଯୁବତୀଙ୍କୁ ଆତ୍ମନିର୍ଭରଶିଳ କରିବାକୁ ଲାୟନ୍ସ କ୍ଲବ ପ୍ରଚେଷ୍ଟା କରିଛି। ଏହି ଶିବିର ୨ ମାସ ଧରି ପ୍ରତ୍ୟେକ ଦିନ ସକାଳ ୮ଟାରୁ ୧୦ଟା ଯାଏଁ ଅନୁଷ୍ଠିତ ହେବ। ଭାଗିରଥୀ ନାଗ ପ୍ରଶିକ୍ଷଣ ଦେଉଛନ୍ତି। କ୍ଲବ୍ ସମ୍ପାଦକ ପଙ୍କଜ କୁମାର ନାମ ଦେବ, ପ୍ରକଳ୍ପ ନିର୍ଦ୍ଦେଶିକା ବବିତା ଶର୍ମା, କ୍ଲବର ମାର୍କେଟିଂ ଚେୟାର ପର୍ସନ ଲାୟନ ସଞ୍ଜୟ ନାୟକ ଶିବିର ପରିଚାଳନା କରଥିଲେ। ଲାୟନ ଗଙ୍ଗାଧର ଶର୍ମା, କ୍ଲବର ଚାର୍ଟାର୍ଡ ମେମ୍ବର ଲାୟନ ଗୋପାଳ ଲାଠ, ରତ୍ନାକର ସାହୁ, ଲାୟନ ଲିଙ୍ଗରାଜ ସାହୁ, ଶମ୍ଭୁ ପ୍ରସାଦ ଗୋଏଲ, ସନ୍ତୋଷ ମହାନ୍ତି, ଦୀପକ ପୃଷ୍ଟି, ଆବାସ ଖାଁ, ସୁଜିତ ଚୌଧୁରୀ, ପ୍ରଦୀପ ବାରିକ, ଡ. ନରେନ୍ଦ୍ର ଅଗ୍ରୱାଲ, କ୍ଲବର ମହିଳା ସଦସ୍ୟା ଲଳିତା ଲାଠ, ମିନାକ୍ଷୀ ସାହୁ, ଜୁଲି ସାହୁ, ଗୀତାଞ୍ଜଳି ମହାରଣା, ନୀତୁ ଗୋଏଲ, ରେଖା ଅଗ୍ରୱାଲ, ସୀମା ଗୋଏଲ, ଅର୍ଚ୍ଚନା ଗୋଏଲ, ଗାୟତ୍ରୀ ଜୈନ, ଶିଳ୍ପାଞ୍ଜଳି ନାମଦେବ, ଲିଓ କ୍ଲବର ସଭାପତି ପ୍ରତ୍ୟୁଷ ସାହୁ, ଲିଓ ଶୁଭୋଦୀପ ସାମନ୍ତ, ସୁଶୀଲ ଗୋଏଲ ପ୍ରମୁଖ ସହଯୋଗ କରିଥିଲେ।

# ମାଲପଡ଼ା ନାଗରିକ କମିଟିର ବୈଠକ

**ବଲାଙ୍ଗିର, ୯ ।୪(ସମିସ):** ମାଲପଡ଼ା ନାଗରିକ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଗୋପବନ୍ଧୁ ପୁରୋହିତ ଏଥିରେ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ପଞ୍ଚାନନ ସେଠ ଗତ ମାସର ବିବରଣୀ ପାଠ କରିଥିଲେ। ଏହି ବୈଠକରେ ମାଲପଡ଼ାର ବିଭିନ୍ନ ସମସ୍ୟା ଯଥା ଘନ ଘନ ବିଦ୍ୟୁତ୍ କାଟ, ସନ୍ଧ୍ୟାରେ ଅତ୍ୟାଧିକ ମଶାର ଉପଦ୍ରବ ନିରାକରଣ ପାଇଁ ସଭ୍ୟମାନେ ମତ ପ୍ରକାଶ କରିଥିଲେ। ଏହି ଆଲୋଚନା ଚକ୍ରରେ ଉପସଭାପତି ପ୍ରଫେସର ତରୁଣ ମିଶ୍ର, କୋଷାଧକ୍ଷ ଦିବାକର ହୋତା, ବରିଷ୍ଠ ସଦସ୍ୟ ଆକୁଳ ବେହେରା, ଦେବଜ୍ୟୋତି ଯୋଷୀ, ଛବିଲାଲ ବେହେରା, ପ୍ରଦୀପ ନେପାକ, ଗଣେଶରାମ ବେହେରା, ଅମୀୟ ମିଶ୍ର, ସନ୍ତୋଷ ସାହୁ, ସୁବାଷ ପାତ୍ର, ସୁରେଶ ଅଗ୍ରୱାଲ, କାଉନସିଲର ମହେନ୍ଦ୍ର ବାଗ, ବିମଳ ଚକ୍ରବର୍ତ୍ତି ଭାଗ ନେଇଥିଲେ। ଶେଷରେ ଅଶୋକ ଚାନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।




# ପାଣି ପାଇଁ ଡହଳବିକଳ ବନ୍ୟଜନ୍ତୁ

## ଜଙ୍ଗଲରେ ଆବଶ୍ୟକ ପାଣି ବ୍ୟବସ୍ଥା ନାହିଁ

**ବଲାଙ୍ଗିର, ୯ ।୪(ସମିସ)**

ବଲାଙ୍ଗିରରେ ତାପାମତ୍ରା ୪୦ ଡିଗ୍ରୀ ଉପରେ ରେକର୍ଡ ହୋଇସାରିଲାଣି। ପ୍ରବଳ ଗରମ ସାଙ୍ଗକୁ ପାଣି ଟୋପାଏ ପାଇଁ ମଣିଷ ଛଟପଟ ହେଉଛି। ମଣିଷଙ୍କ ଭଳି ଏଥିରୁ ବାଦ ପଡ଼ିନାହାନ୍ତି ବନ୍ୟଜନ୍ତୁ। ବଲାଙ୍ଗିର ଜିଲ୍ଲାରେ ରହିଥିବା ସଂରକ୍ଷିତ ଜଙ୍ଗଲରେ ହାତୀ, କଲରାପତରିଆ, ଭାଲୁ ସମେତ ଅନେକ ବନ୍ୟପ୍ରାଣୀଙ୍କ ଉପସ୍ଥିତି ଦେଖିବାକୁ ମିଳିଥାଏ। ଏହି ସଂରକ୍ଷିତ ଜଙ୍ଗଲ ଦିନକୁ ଦିନ କମି କମି ଯାଉଛି। ଛାଇ ସାଙ୍ଗକୁ ପାଣି ବନ୍ୟ ଜନ୍ତୁଙ୍କ ପାଇଁ ଏକ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି। ଦିନକୁ ଦିନ ଏହି ବନ୍ୟଜନ୍ତୁ ପାଣି, ଖାଦ୍ୟ ପାଇଁ ଗାଁ ପାଖକୁ ଚାଲିଆସୁଛନ୍ତି। ବଲାଙ୍ଗିର ବନ ବିଭାଗ ପାଇଁ ଏହା ମୁଣ୍ଡବ୍ୟଥାର କାରଣ ହୋଇଛି।

ବଲାଙ୍ଗିର ସହରକୁ ଲାଗି ରହିଥିବା ଭାଲୁ, ହାତୀ ଭଳି ବନ୍ୟଜନ୍ତୁ ଗାଁମୁହାଁ ହେଉଛନ୍ତି। ଅତୀତରେ ସଦାଇପାଲି ଗ୍ରୀଡ୍ ନିକଟରେ ଏକ ଭାଲୁକୁ ଦେଖିବାକୁ ମିଳିଥିଲା। ଭାଲୁଟି ଗ୍ରୀଡ୍ ଭିତରକୁ ପ୍ରବେଶ କରିବାକୁ ଉଦ୍ୟମ କରୁଥିବା ଦେଖିବାକୁ ମିଳିଥିଲା। ଗେଟ୍ ବନ୍ଦ ଥିବାରୁ ଭାଲୁ ଭିତରକୁ ପଶି ନ ପାରି ଚାଲିଯାଇଥିଲା। ସେହିପରି ଖପ୍ରାଖୋଲ ଅଞ୍ଚଳରେ ଏକ ଭାଲୁ ଗାଁ ମୁହାଁ ହୋଇଥିବା ଦେଖିବାକୁ ମିଳିଥିଲା। ଭାଲୁକୁ ଦେଖିବା ପରେ ଗ୍ରାମବାସୀ ଭୟଭୀତ ହେବା ପରେ ବନ ବିଭାଗର କର୍ମଚାରୀ ପହଞ୍ଚିଥିଲେ। ବନ ବିଭାଗ କର୍ମଚାରୀ ପହଞ୍ଚିବା ପରେ ଭାଲୁଟିକୁ ଜଙ୍ଗଲ ଭିତରକୁ ଘଉଡାଇବାରେ ସଫଳ ହୋଇଥିଲେ। ତେବେ ଭାଲୁ ଓ ଅନ୍ୟ ଜନ୍ତୁ ଗାଁ ମୁହାଁ ହେବା ଜିଲ୍ଲାରେ କିଛି ନୂଆ କଥା ନୁହଁ। ଜିଲ୍ଲାରେ ଅନେକ ଭାଲୁ ଆକ୍ରମଣରେ ଲୋକେ ଆହତ ହୋଇଛନ୍ତି। ଜଙ୍ଗଲ ନିକଟରେ ଥିବା ଗ୍ରାମବାସୀଙ୍କ କହିବା ଅନୁସାରେ ବିଶେଷ କରି ଗ୍ରୀଷ୍ମ ସମୟରେ ଭାଲୁମାନେ ଗାଁମୁହାଁ ହୋଇଥାନ୍ତି। ଜଙ୍ଗଲରେ ପାଣିର ବ୍ୟବସ୍ଥା ନ ଥିବାରୁ ଭାଲୁମାନେ ଗାଁକୁ ପଶି ଆସନ୍ତି। କେବଳ ଭାଲୁ ନୁହେଁ; କଲରାପତରିଆ, ହାତୀଙ୍କ କ୍ଷେତ୍ରରେ ମଧ୍ୟ ଏହା ଦେଖାଯାଏ।

**ଖରାଦିନ ଆସିଲେ ଗାଁମୁହାଁ ହେଉଛନ୍ତି ବନ୍ୟଜନ୍ତୁ**

**ନାମକୁ ସଂରକ୍ଷିତ ଜଙ୍ଗଲ; କିନ୍ତୁ ଜଳାଶୟ ନାହିଁ**

ମଠଖାଇ, ବେଦେର, ଛତରଦାଣ୍ଡି, ଗାଇଖାଇ, ପାଟି, ରମାଇ ଭଳି ଅନେକ ଘଞ୍ଚ ଜଙ୍ଗଲ ରହିଛି। ଜଙ୍ଗଲ ବିଭାଗ ଆକଳନ ଅନୁସାରେ ଜିଲାରେ ପ୍ରାୟ ୬୫୭୫ ହେକ୍ଟର ଜଙ୍ଗଲ ରହିଛି। ଏଥିରୁ ପ୍ରାୟ ୭୦ ହେକ୍ଟର ଘଞ୍ଚ ଜଙ୍ଗଲ ରହିଛି। ଏହି ଜଙ୍ଗଲରେ ପ୍ରାୟତଃ ହାତୀ, କଲରପାତରିଆ ଓ ଭାଲୁଙ୍କ ଉପସ୍ଥିତି ଦେଖିବାକୁ ମିଳିଥାଏ। ବଲାଙ୍ଗିର ଜିଲ୍ଲାରେ ତାପମାତ୍ରା ବୃଦ୍ଧି ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହେଉଛି। ବନ୍ୟଜନ୍ତୁଙ୍କ ପାଇଁ ମଧ୍ୟ ନିସ୍ତାର ନାହିଁ। ବନ୍ୟଜନ୍ତୁଙ୍କ ପାଇଁ ପାଣି ନିହାତି ଆବଶ୍ୟକ ହେଉଛି। ସେହି ମୁତାବକ ଜଙ୍ଗଲ ଭିତରେ ପର୍ଯ୍ୟାପ୍ତ ପରିମାଣର ପାଣି ବ୍ୟବସ୍ଥା ନାହିଁ। ବଡମାଲ, ଡୁରେକେଲା ସହ ଅନ୍ୟ ବନାଞ୍ଚଳରେ କଲରାପତରିଆଙ୍କ ଉପସ୍ଥିତି ମଧ୍ୟ ଦେଖିବାକୁ ମିଳିଛି। ବିଗତ ଦିନରେ ଜଙ୍ଗଲ ବିଭାଗ ପକ୍ଷରୁ ବିଭିନ୍ନ ଯୋଜନାରେ ସଂରକ୍ଷିତ ଜଙ୍ଗଲ ଭିତରେ ଜଳାଶୟ ଖୋଳାଯାଇ କୋଟି କୋଟି ଟଙ୍କା ବ୍ୟୟ କରାଯାଇଥିଲା; କିନ୍ତୁ ସେହି ଜଳାଶୟ ସତରେ ଅଛି ନା ନାମକୁ ମାତ୍ର ତାହା ମଧ୍ୟ ଅସ୍ପଷ୍ଟ। ଏପରିକି ଏନେଇ ବିଭାଗ ପାଖରେ ମଧ୍ୟ ଠିକ ସୂଚନା ନାହିଁ। ଏପରିକି ଅନେକ ସମୟରେ ପାଣି ଅଭାବ ଯୋଗୁଁ ଜଙ୍ଗଲ ଭିତରେ ବନ୍ୟଜନ୍ତୁଙ୍କ ମୃତ୍ୟୁ ଘଟୁଛି। ଏହା ଲୋକଲୋଚନକୁ ଆସୁପାରୁନି। ଏ ବିଷୟରେ ବନ ବିଭାଗ ସୂଚନା ପାଇଲେ ମଧ୍ୟ ତାକୁ ଚାପି ଦେଉଛି। ବନ୍ୟଜନ୍ତୁଙ୍କ ପାଇଁ ଜଙ୍ଗଲ ଭିତରେ ଜଳଉତ୍ସ ସୃଷ୍ଟି କରା ନ ଗଲେ ବଲାଙ୍ଗିର ଜଙ୍ଗଲ ବନ୍ୟପ୍ରାଣୀଶୂନ୍ୟ ହେବାର ଆଶଙ୍କା ପ୍ରକାଶ ପାଇଛି।


॥ ପ୍ରଥମ ଶ୍ରାଦ୍ଧବାର୍ଷିକୀ ॥



✓ ଲକ୍ଷ୍ମୀକାନ୍ତ ବାରିକ୍

ଚୁଲିଆପୋଷି, ଉଦଳା, ମୟୂରଭଞ୍ଜ

ଆବିର୍ଭାବ : ୧୮.୦୪.୧୯୪୧, ତିରୋଧାନ : ୦୯.୦୪.୨୦୨୫

ତୁମେ ଆମ ପାଇଁ ଦୁନିଆର ସର୍ବଶ୍ରେଷ୍ଠ ସର୍ବଶକ୍ତିମାନ ଏକ ଅବ୍ୟକ୍ତ ଅନୁଭବ। ନିର୍ଭୟର ସୁରକ୍ଷା ପ୍ରାଚୀର ଟିଏ, ପ୍ରେରଣା ଓ ପ୍ରତିଷ୍ଠାର ଶାନ୍ତି ମନ୍ଦିର ଟିଏ, ତ୍ୟାଗ ଓ ତୀତିକ୍ଷାର ଠାକୁର ଟିଏ, ଆମ ସବୁ ସମ୍ଭବର ପ୍ରଚ୍ଛଦପଟ୍ଟ ନାୟକ ତୁମେ। ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ତୁମ ଅମରାତ୍ମା ସଦଗତି ଲାଗି ମହାପ୍ରଭୁଙ୍କ ଠାରେ ପ୍ରାର୍ଥନା।

ହତଭାଗ୍ୟ ପୁତ୍ରଗଣ: ଦିଲ୍ଲୀପ, ପ୍ରଦୀପ, ସଞ୍ଜୀବ ତଥା ବନ୍ଧୁ ଓ ପରିବାରବର୍ଗ


# ମୁରିବାହାଲ, ବେଲପଡ଼ା କଲେଜରେ ରକ୍ତଦାନ ଶିବିର

**ମୁରିବାହାଲ, ୯ ।୪(ସମିସ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ ପଞ୍ଚାୟତ ସମିତି ଡିଗ୍ରୀ କଲେଜରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଜାତୀୟ ସେବା ଯୋଜନା ଓ ଯୁବ ରେଡକ୍ରସ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୪ଜଣ ରକ୍ତଦାନ କରିଥିଲେ। ଏହା ପୂର୍ବରୁ କଲେଜ ପରିସରରେ ରକ୍ତଦାନ ସମ୍ପର୍କିତ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। କଲେଜ ଅଧକ୍ଷ ସରୋଜ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ବିଜେପି ସଭାପତି ଶ୍ରୀବତ୍ସ ବେହେରା, ସିଡ଼ିପିଓ ପୂର୍ଣ୍ଣିମା ବୈଠାରୁ, ଡ. ଓଁକାର ହୋତା, ଦୁର୍ଗାବାହିନୀ ପ୍ରାନ୍ତୀୟ ସଂଯୋଜିକା ସୋନାଲିପ୍ରଭା ସାହୁ, ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ଦିଲ୍ଲୀପ ପଶାୟତ, ରେଡକ୍ରସ ପରାମର୍ଶଦାତା ଅଧ୍ୟାପକ ଘନଶ୍ୟାମ ଖମାରୀ, ଏନଏସଏସ ପ୍ରୋଗ୍ରାମ ଅଫିସର ଅଧ୍ୟାପକ ଛନ୍ଦାଚରଣ ଖୁଣ୍ଟିଆ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ଅଧ୍ୟାପକ ବାସୁଦେବ ଦଳାଇ, ଛାତ୍ରୀ ମୋନାଲିସା ସାହୁ, ମାନସୀ ସାହୁ, ପୂଜା ସାହୁ, ସୁବାନୀ ବାଗ, ଛାତ୍ର ମିଥୁନ ବାଗ, ଲୋକେଶ ବଗର୍ତ୍ତି, ପୁଣ୍ୟବନ୍ତ ଖର୍ସେଲ, ଗଜିନ୍ଦ୍ର ମହାକୁର, ବିକାଶ ରଣା, ରୋହନ ସେଠ, ସଂକୀର୍ତ୍ତନ୍ୟ ବାଗ, ପ୍ରଶାନ୍ତ ଜାଲ, ଦିନେଶ ପୁଟେଲ, ସୁଶୀଲ ଭୋଇ, ସୁଶୀଲ ବାଗ, ଏମ୍ ଡି ଇର୍ଫାନ, କ୍ଷୀରମୋହନ ନାଗ, ଲୋକନାଥ ନାଏକ, ଚୋଲଦେବ ସାହୁ, ବିମଳ ସୁନା ଓ କ୍ଷମାନିଧି ପଧାନ ପ୍ରମୁଖ ରକ୍ତଦାନ କରିଥିଲେ। ଟିଟିଲାଗଡ଼ ଉପଖଣ୍ଡ ରକ୍ତକେନ୍ଦ୍ରର ଲେବୋରେଟୋରୀ ଟେକନିସିଏନ ଅଚ୍ୟୁତାନନ୍ଦ ମହାପାତ୍ର, ଡିଏମ ଆସିଷ୍ଟାଣ୍ଟ ଜିତେନ୍ଦ୍ର ପଣ୍ଡା, ଆଟେଣ୍ଡାଣ୍ଟ ଜୟରାମ ମଛଖଣ୍ଡ ଓ ଅଶୋକ ଦୋରା ରକ୍ତ ସଂଗ୍ରହ କରିଥିଲେ।





**ବେଲପଡ଼ା:** ରାଜ୍ୟ ସରକାରଙ୍କ ଓଡ଼ିଆ ପକ୍ଷ ପାଳନ ଅବସରରେ ସ୍ଥାନୀୟ ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ମଧ୍ୟ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଛି। ଅଧକ୍ଷ ସୁରେଶ ଚନ୍ଦ୍ର ମେହେର ଏଥିରେ ଅଧକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ରେଡ଼କ୍ରସ ଓ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ଉପସ୍ଥିତ ରହି ରକ୍ତଦାନ କରିଥିଲେ। ନୋଡାଲ ଅଫିସର ମନୋଜ ମହାଖୁଡ଼ ଓ ଯୁବ ରେଡ଼କ୍ରସ କାଉନସେଲର ସୁଦାମ ଚନ୍ଦ୍ର ମହାପାତ୍ର ଉପସ୍ଥିତ ଥିଲେ। ଏହି ରକ୍ତଦାନ ଶିବିରରେ ପ୍ରାୟ ୨୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ପାଟଣାଗଡ଼ ଉପଖଣ୍ଡ ଚିକିତ୍ସାଳୟର କର୍ମଚାରୀ ସହଯୋଗ କରିଥିଲେ।




## ବ୍ରିଜ୍ ଉପରୁ ଡେଇଁ ପଡ଼ିଲେ ଯୁବକ

**କେସିଙ୍ଗା, ୯ ।୪(ସମିସ):** ଗୁରୁବାର ସନ୍ଧ୍ୟାରେ କେସିଙ୍ଗା ଟିଟଲାଗଡ଼କୁ ସଂଯୋଗ କରୁଥିବା ତେଲ ନଦୀ ବ୍ରିଜ୍ ତଳକୁ ଜଣେ ବ୍ୟକ୍ତି ଡେଇଁପଡ଼ିଥିଲେ । ତାଙ୍କ ବୟସ ପାଖାପାଖି ୫୦ ହେବ । ପ୍ରଥମେ ବ୍ୟକ୍ତି ଜଣକ ବ୍ରିଜ ଖମ୍ବକୁ ଜେଇଁଥିଲେ, ଏହାପପରେ ଖମ୍ବରୁ ନଦୀ ଭିତରକୁ ଲମ୍ଫ ମାରିଥାଲେ । କିଛି ଅଘଟଣ ଘଟିବ ଭାବି ସଙ୍ଗେ ସଙ୍ଗେ ଲୋକେ କେସିଙ୍ଗା ପୁଲିସ ଓ ଦମକଳ ବାହିନୀକୁ ଖବର ଦେଇଥିଲେ । ଦମକଳ ବାହିନୀର ଯବାନମାନେ ଅନ୍ଧାରରେ ନଦୀ ଭିତରକୁ ଯାଇ ନଦୀରୁ ଉକ୍ତ ବ୍ୟକ୍ତିକୁ କାନ୍ଧରେ ବୋହି ନଦୀ କୂଳକୁ ଆଣି ପୁଲିସ ଗାଡ଼ିରେ କେସିଙ୍ଗା ମେଡିକାଲ ଅଣାଯାଇଥିଲା । କୌଣସି କଥା ପଚାରିଲେ କିଛି କହୁଛି, ହେଲେ ବୁଝି ହେଉନାହିଁ ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**କଲମପୁର, ୯ ।୪(ସମିସ):** ଏହି ଥାନା ଅଧୀନ କଲମପୁର ଧରଣୀବନ୍ଧ ନିକଟରେ ଥିବା ଏକ ଗଛରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି । ଯୁବକ ଜଣକ ଜୁନାଗଡ଼ ଥାନା ଅଧୀନ ଚିଲିଗୁଡ଼ା ଫାଣ୍ଡି ଅଧୀନସ୍ତ କୋଟେନ ଗ୍ରାମର ଅଶୋକ ଭାଟି (୧୯) ବୋଲି ଚିହ୍ନଟ କରାଯାଇଛି । ମୃତକ ଅଶୋକଙ୍କ ପରିବାରର ସମସ୍ତ ସଦସ୍ୟ ମୃତ୍ୟୁବରଣ କରିଥିବାବେଳେ ଅଶୋକ ଏକମାତ୍ର ବ୍ୟକ୍ତି ଜୀବିତ ଥିଲେ । ଏଥିପାଇଁ ସେ ନିଜ ଗ୍ରାମରୁ କଲମପୁରକୁ ଆସି ନିଜ ସମ୍ପର୍କିୟଙ୍କ ଜଳଖିଆ ଦୋକାନରେ କାମ କରୁଥିଲେ । ଗତକାଲି ସେ ନିଜ ଗ୍ରାମକୁ ଯାଇଥିଲେ । ଗୁରୁବାର ସକାଳୁ କିଛିଲୋକ ଶୌଚପାଇଁ ଯାଇ ଏହା ଦେଖିବାପରେ ଘଟଣା ପ୍ରଘଟ ହୋଇଥିଲା । ପୁଲିସ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରି ଏକ ଅପମୃତ୍ୟୁ ମାମଲା ପଞ୍ଜିକୃତ କରି ତଦନ୍ତ ଚଳାଇଛି । କୋଟେନ ଗ୍ରାମରୁ କିଛି ଲୋକ ପହଞ୍ଚିବା ପରେ ଅଗ୍ନିଶମ ବାହିନୀଙ୍କ ସହାୟତାରେ ଶବ ଉଦ୍ଧାର କରାଯାଇ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା ।

## ଶିକ୍ଷକ ବିଶ୍ୱମ୍ବର ମେହେରଙ୍କ ପରଲୋକ

**ସିନାପାଲି, ୯ ।୪(ସମିସ):** ସ୍ଥାନୀୟ ଗୋଡାଲ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ବିଶ୍ୱମ୍ବର ମେହେର(୫୫)ଙ୍କ ବୁଧବାର ପରଲୋକ ଘଟିଛି । ସେ ଜଣେ ଛାତ୍ରବତ୍ସଳ ସ୍ନେହୀ ଓ ଶୃଙ୍ଖଳିତ ଶିକ୍ଷକ ଭାବରେ ଛାତ୍ରଛାତ୍ରୀ ଏବଂ ଅବିଭାବକଙ୍କ ନିକଟରେ ନିଜ ପରିଚୟ ତିଆରି କରିଥିଲେ । ପ୍ରତିଦିନ ଭଳି ବୁଧବାର ସକାଳେ ନିଜ ବିଦ୍ୟାଳୟକୁ ଯାଇ ସବୁଦିନ ଭଳି



ନିଜ କର୍ତ୍ତବ୍ୟ କରିଥିଲେ । ନୂଆ ପାଠ୍ୟ ପୁସ୍ତକ ବି ପିଲାଙ୍କୁ ବଣ୍ଟନ କରିଥିଲେ । ପରେ ହଠାତ ଛାତିରେ ଯନ୍ତ୍ରଣା ଅନୁଭବ ହେବାରୁ ଅନ୍ୟ ଜଣେ ଶିକ୍ଷକଙ୍କ ସହଯୋଗରେ ଘରକୁ ଆସିଲା ପରେ ତାଙ୍କୁ ସ୍ଥାନୀୟ ଡାକ୍ତରଖାନାକୁ ନିଆଯାଇଥିଲା । ସେଠାରୁ ନୂଆପଡ଼ା ଜିଲ୍ଲା ଡାକ୍ତରଖାନାକୁ ନିଆଯାଇଥିବା ବେଳେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ସନ୍ଧ୍ୟାରେ ତାଙ୍କ ଶେଷକୃତ ସମ୍ପନ୍ନ କରାଯାଇଛି । ଶେଷକୃତରେ ଅବସରପ୍ରାପ୍ତ ଶିକ୍ଷକ ଅରୁଣ ଯୋଷୀ, ଶିକ୍ଷକ ରାଜେନ୍ଦ୍ର ଖମାରୀ, ପ୍ରଦୀପ ଯୋଷୀ, ଶିବପ୍ରସାଦ ମେହେର, ନବୀନ ବେହେରା, ଗୀତେଶ୍ୱର ଶବରଙ୍କ ସହ ପରିବାରବର୍ଗ ଓ ଆତ୍ମୀୟ ଉପସ୍ଥିତ ଥିଲେ ।

## ଅଗ୍ନିବୀର ପଞ୍ଜୀକରଣ ପାଇଁ ପ୍ରେରଣାଦାୟୀ କାର୍ଯ୍ୟକ୍ରମ

**ଭବାନୀପାଟଣା, ୯ ।୪(ସମିସ):** ସ୍ଥାନୀୟ ଜୟପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟ ପକ୍ଷରୁ ରାଜ୍ୟ ସରକାରଙ୍କ ଗ୍ରାମ୍ୟୋଦୟ ଜିଲ୍ଲା ଯୋଜନା ଅନ୍ତର୍ଗତ ଭାରତ ସରକାରଙ୍କ ଗୃହମନ୍ତ୍ରଣାଳୟ ଦ୍ୱାରା ବିଜ୍ଞାପିତ ଅଗ୍ନିବୀରର ପଞ୍ଜୀକରଣ ଓ ଚୟନ ପ୍ରକ୍ରିୟାକୁ ଅତ୍ୟଧିକ କ୍ରିୟାଶୀଳ ଓ ସର୍ବବ୍ୟାପି କରିବା ଉଦ୍ଦେଶ୍ୟରେ ପ୍ରେରଣାଦାୟୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି ।କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ପରମେଶ୍ୱର ମୁଣ୍ଡ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥିଭାବରେ ସର୍ଜେଣ୍ଟ ଅଜୟ କୁମାର କମାଣ୍ଡାଣ୍ଟ ୬୪ ବାଟାଲିୟନ୍ ଭାରତୀୟ ରିର୍ଜଭ ପୁଲିସ ବଳ ଯୋଗଦାନ କରି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହ ନିଜର ଅଭିଜ୍ଞତା ଓ ଦେଶର ଆବଶ୍ୟକତାକୁ ନେଇ ଅଗ୍ନିବୀର ସେବା କାର୍ଯ୍ୟକ୍ରମର ଉପାଦେୟତା ବିଷୟରେ ପ୍ରେରଣା ଦେଇଥିଲେ । ମାଓ ଅଧ୍ୟୁଷିତ ଜିଲ୍ଲା ଗୁଡିକ ଏବେ ମାଓ ମୁକ୍ତ ହେବା ସମୟରେ ଅଗ୍ନିବୀର ସେବାରେ ଭର୍ତ୍ତି ହେବା ପାଇଁ ଗ୍ରାମାଞ୍ଚଳ ଯୁବକଯୁବତୀଙ୍କ ପାଇଁ ଏକ ସୁଯୋଗ ବୋଲି ମତ ଦେଇଥିଲେ । ଅଧ୍ୟାପକ ଶୁଭେନ୍ଦୁ କୁମାର ପାଢ଼ୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିବା ବେଳେ ପୁରୀତ ରଣା ମଞ୍ଚ ପରିଚାଳନା କରିଥିଲେ । ଅଧ୍ୟାପକ ପ୍ରତାପ ଚନ୍ଦ୍ର ଦାଶ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆବଶ୍ୟକତା ଉପରେ ସୂଚନା ଦେଇଥିଲେ । ଅଧ୍ୟାପକ ସୁଶାନ୍ତ କୁମାର ଦାଶ, ଫାଲଗୁନୀ ପ୍ରଧାନୀ, ମିନକେତନ ସାହୁ, କିକୁମିକ୍ସ ନିଆଲ, ମନ୍ଦାକିନୀ ପ୍ରଧାନ, ଅନୁକୁଳ ସାହାଣି ପ୍ରମୁଖ ସହଯୋଗ କରିଥିଲେ । ୧୮୫ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ।

■ ଜୁନାଗଡ଼ ବ୍ଲକ୍‌ରେ କ୍ରୀଡ଼ା ସାମଗ୍ରୀ କିଣାରେ କେଳେଙ୍କାରୀ ଘଟଣା

# ଭିଜିଲାନ୍ସ ପକ୍ଷରୁ ରିପୋର୍ଟ ଯାଇଛି; ଫାଇଲ ଅଟକାଇଛନ୍ତି ସରକାର!

**ଭବାନୀପାଟଣା, ୯ ।୪(ସମିସ)**

ରାଜ୍ୟରେ ପୂର୍ବ ସରକାର ପ୍ରତି ବ୍ଲକକୁ କ୍ରୀଡ଼ା ସାମଗ୍ରୀ କିଣିବା ପାଇଁ ଆର୍ଥିକ ସହାୟତା ଯୋଗାଇଥିଲେ । ଗ୍ରାମାଞ୍ଚଳରେ କ୍ରୀଡ଼ା କ୍ଷେତ୍ରରେ ଆଗ୍ରହ ସୃଷ୍ଟି ହିଁ ମୂଳ ଲକ୍ଷ୍ୟ ବୋଲି କୁହାଯାଇଥିଲା । ତେବେ କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକରେ କ୍ରୀଡ଼ା ସାମଗ୍ରୀ କିଣାରେ କେଳେଙ୍କାରୀ ଘଟଣା ଭିଜିଲାନ୍ସ ନଜରକୁ ଆସିବା ପରେ ଖୋଳତାଡ଼ ହୋଇଥିଲା । ଭବାନୀପାଟଣା ଭିଜିଲାନ୍ସ ବିଭାଗ ତରଫରୁ ଟିକିନିଖି ତଦନ୍ତ କରାଯାଇ ଉଚ୍ଚ ଅଧିକାରୀ ତଥା ଭିଜିଲାନ୍ସ ଏସପିଙ୍କ ନିକଟକୁ ପଠାଯାଇଥିଲା । ଅନ୍ୟପକ୍ଷରେ ଏସ୍‌ପି ଭିଜିଲାନ୍ସ ମଧ୍ୟ ଅର୍ଥ ଆତ୍ମସାତର ଆମୂଳଚୂଳ ରିପୋର୍ଟ ପାଇବା ସଙ୍ଗେସଙ୍ଗେ ଷ୍ଟେଟ ଭିଜିଲାନ୍ସ ଅଫିସକୁ ରିପୋର୍ଟ ପଠାଇଦେଇଥିବା ସୂଚନା ରହିଛି । ତେବେ ରିପୋର୍ଟ ପରେ ରିପୋର୍ଟ ଚାଲିଛି କିନ୍ତୁ କାର୍ଯ୍ୟାନୁଷ୍ଠାନ ନାହିଁ । ସରକାର ଫାଇଲକୁ ଅଟକାଇ ରଖିଥିବା କୁହାଯାଇଛି । ଜୁନାଗଡ଼ ବ୍ଲକର ସତ୍ୟନାରାୟଣ ବେହେରା ଦୁର୍ନୀତିର ନିରପେକ୍ଷ ତଦନ୍ତ ପାଇଁ ଅନେକ ଚେଷ୍ଟା କରି ବିଫଳ ହେବାପରେ ଉଚ୍ଚ ନ୍ୟାୟାଳୟରେ ଗତ ଜାନୁଆରୀ ମାସ ୭ ତାରିଖରେ ଏକ ପିଏଲଆଇ କରିଥିଲେ । ଷ୍ଟେଟ୍ ଅଫ୍ ଓଡ଼ିଶା ସମେତ ନିର୍ଦ୍ଦେଶକ ଭିଜିଲାନ୍ସ, ଏସ୍‌ପି କୋରାପୁଟ ଭିଜିଲାନ୍ସଙ୍କୁ ପକ୍ଷ କରିଥିଲେ । ତଥାପି ଫାଇଲକୁ ନେଇ କାର୍ଯ୍ୟାନୁଷ୍ଠାନ ତ ନାହିଁ ସମସ୍ତେ ଯେମିତି ନିଦ୍ରାବିଷ୍ଟ ପାଲଟି ଯାଇଥିବା ଅନୁମାନ କରାଯାଉଛି । କାହା ଇଙ୍ଗିତରେ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଉପରେ ରୋକ୍ ଲଗାଯାଇଛି ତାହାହିଁ ବଡ଼ ପ୍ରଶ୍ନ । ଏ ସଂକ୍ରାନ୍ତରେ ଭିଜିଲାନ୍ସ ଏସ୍‌ପିଙ୍କୁ ପଚରା ଯିବାରୁ ସେ କହିଛନ୍ତି ଜୁନାଗଡ଼ ବିଡିଓଙ୍କ ବିରୋଧରେ ଏହି ଅଭିଯୋଗ ଥିବା କାରଣରୁ ସରକାରଙ୍କ ଅନୁମତିକୁ ଅପେକ୍ଷା କରାଯାଇଛି । ଅନୁମତି ଅର୍ଡର ପହଞ୍ଚିଲେ ପରବର୍ତ୍ତୀ କାର୍ଯ୍ୟ ଆରମ୍ଭ ହେବା ନିଶ୍ଚିତ । ଗତବର୍ଷ ଅଗଷ୍ଟରୁ ବ୍ଲକ ପ୍ରଶାସନ ଖେଳ ସାମଗ୍ରୀ କିଣାରେ ଅର୍ଥ ଅର୍ମ୍ସାତ୍ କରିଥିବାର ଗନ୍ଧ ଭିଜିଲାନ୍ସ ନିକଟରେ ପହଞ୍ଚିଥିଲା । ପ୍ରାୟ ୮୪ଲକ୍ଷ ଟଙ୍କାର କ୍ରୀଡ଼ା ସାମଗ୍ରୀ କିଣା ଯାଇଥିବା ବିଲ୍ ଗୁଡ଼ିକରୁ ସୂଚିତ ହେଉଥିବା ଭିଜିଲାନ୍ସ ଜାଣିବାକୁ ପାଇଛି । କିନ୍ତୁ ଆବଶ୍ୟକୀୟ କ୍ରୀଡ଼ା ସାମଗ୍ରୀ ଅତି ଶସ୍ତାମାନର ନନ୍ ବ୍ରାଣ୍ଡ ଓ ନକଲି କାରଣରୁ ଭିଜିଲାନ୍ସ ବିଭାଗ ଟିକି ନିଖି ତଦନ୍ତ ଆରମ୍ଭ କରିଛି । ପ୍ରାୟ ୪୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବାଟମାରଣା ହୋଇଥିବା ଜଣାପଡ଼ିଛି । କେବଳ ସେତିକି ନୁହେଁ ରାଜ୍ୟ ବାହାରୁ ଅର୍ଥାତ ରାୟପୁରର ଯେଉଁ ଦୋକାନରୁ ସାମଗ୍ରୀ କ୍ରୟ କରାଯାଇଛି ସେଠାକୁ ଯାଇ ସମ୍ପୃକ୍ତ ବ୍ୟବସାୟୀଙ୍କ ସହ ଯୋଗାଯୋଗ କରି କରି ଜାଣିପାରିଥିଲା ଯେ ପ୍ରାୟ ସବୁ ସାମଗ୍ରୀ ନନ୍ ବ୍ରାଣ୍ଡ ଏବଂ ନକଲି । କିନ୍ତୁ ବ୍ୟବସାୟୀଙ୍କ ଠାରୁ ଜୁନାଗଡ଼ ବିଡିଓ ନକଲି ସ୍ଥାନରେ ବ୍ରାଣ୍ଡେଡ କମ୍ପାନୀର ବିଲ ଆଣିଥିବା ବିଷୟ ଭିଜିଲାନ୍ସ ତଦନ୍ତ ସମୟରେ ଜଣାପଡ଼ିଛି ।

୨୦୨୩ ମସିହାରେ ଓଡ଼ିଶା ସରକାରଙ୍କ ପଞ୍ଚାୟତ ରାଜ ଓ ପାନୀୟଜଳ ବିଭାଗ ପ୍ରତି ଜିଲ୍ଲାରେ ଗ୍ରାମାଞ୍ଚଳର ଯୁବଗୋଷ୍ଠୀଙ୍କ ଉଦ୍ଦେଶ୍ୟରେ କ୍ରୀଡ଼ା ଭିତ୍ତିଭୂମି ଓ କ୍ରୀଡା ସାମଗ୍ରୀ କ୍ରୟ ଦିଗରେ ଅର୍ଥରାଶି ପ୍ରଦାନ କରିଥିଲେ । ପ୍ରତି ପଞ୍ଚାୟତ ପିଛା ୨ଲକ୍ଷ ୫୦ହଜାର ଟଙ୍କା ମଞ୍ଜୁର ହୋଇଥିଲା । ପଞ୍ଚାୟତସ୍ତରରେ ୨ ଲକ୍ଷ ୫୦ ହଜାର ଟଙ୍କା ଅଟକଳ ପରିମାଣରେ ଖେଳ ସାମଗ୍ରୀ ନିମନ୍ତେ ଅର୍ଥ ଅନୁଦାନ ଧାର୍ଯ୍ୟ ହୋଇଥିଲା । ଜୁନାଗଡ଼ ବ୍ଲକରେ କ୍ରୀଡ଼ା ସାମଗ୍ରୀ ଦୁର୍ନୀତି ନେଇ ଭିଜିଲାନ୍ସରେ ଅଭିଯୋଗ ପରେ ଭିଜିଲାନ୍ସ ବିଭାଗ ପକ୍ଷରୁ ତନାଘନା ଆରମ୍ଭ ହୋଇଥିଲା । ଏପଟେ ବ୍ଲକ ପ୍ରଶାସନ ତଦନ୍ତକୁ ଚାପିବା ପାଇଁ ଅନେକ ଉଦ୍ୟମ ଚଳାଇ ନିରବରେ ରହିଛନ୍ତି । ୨୦୨୩-୨୪ ଆର୍ଥିକ ବର୍ଷରେ ସରକାରଙ୍କ ନିର୍ଦ୍ଦେଶ ମତେ କ୍ରୀଡ଼ା ସାମଗ୍ରୀ ଯୋଗା ନ ଯାଇ ନିମ୍ନମାନର ସାମଗ୍ରୀ ବଣ୍ଟନ କରାଯାଇଥିବା ଅଭିଯୋଗକୁ ଭିଜିଲାନ୍ସ ମାଡିବସିଛି ସତ କିନ୍ତୁ ଫଳ ଶୂନ୍ୟ ଅବସ୍ଥାରେ ସବୁ ଅଟକିଛି । ଜୁନାଗଡ଼ ବ୍ଲକ ୩୪ ଟି ପଞ୍ଚାୟତରେ ଅଢେଇ ଲକ୍ଷ ଟଙ୍କା ହିସାବରେ ପ୍ରାୟ ୮୪ ଲକ୍ଷ ଟଙ୍କାର କ୍ରୀଡା ସାମଗ୍ରୀ ଆସିଥିଲା ଏବଂ ଏହାକୁ ସମସ୍ତ ପଞ୍ଚାୟତକୁ ବଣ୍ଟନ କରାଯାଇଥିଲା । ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଲା କଳାହାଣ୍ଡି ଜିଲ୍ଲା ସମେତ ଓଡ଼ିଶାରେ ଅନେକ ଖେଳ ସାମଗ୍ରୀ ଦୋକାନ ରହିଥିବା ବେଳେ ଛତିଶଗଡ଼ ରାଜ୍ୟ ରାୟପୁରର ସୁରାନା ଷ୍ଟୋର୍ସରୁ ଏହି ସାମଗ୍ରୀ କିଣାଯାଇଥିଲା । ଯାହାକୁ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଥିଲା । ତେବେ ଖେଳ ସାମଗ୍ରୀର ଦାମ୍, ମାନ ଓ ଯୋଗାଇଥିବା ଦୋକାନ ବିଷୟରେ ଯାଞ୍ଚ କରିବାକୁ ଭିଜିଲାନ୍ସ ଦ୍ୱାରା ତଦନ୍ତ କରିବାକୁ ସାଧାରଣରେ ଦାବି ଉଠିଥିଲା । ଯାହାଫଳରେ ଗତ ଜୁଲାଇ ମାସରେ ଜୁନାଗଡ଼ ବ୍ଲକର ବିଭିନ୍ନ ପଞ୍ଚାୟତରେ ଏହି ଯୋଜନାରେ ଆସିଥିବା କ୍ରୀଡା ସାମଗ୍ରୀକୁ ତଦନ୍ତ କରିସାରିଛି କଳାହାଣ୍ଡି ଭିଜିଲାନ୍ସ । ଭିଜିଲାନ୍ସ ବିଭାଗ ପକ୍ଷରୁ ଜୁନାଗଡ଼ ବ୍ଲକର ବଣିଜରା, ମାଟିଗାଁ, ବୁଡିଦର, ତଳଜାରିଙ୍ଗ, ବଳଦିଆମାଲ, ପଲାସ, କାଲୋପଲା, ମହିଚଲା ଓ ଚାରବାହାଲ ସମେତ ଅନେକ ପଞ୍ଚାୟତକୁ ଯାଇ ତଦନ୍ତ କରିଥିଲା । ଏହି କ୍ରୀଡା ସାମଗ୍ରୀ ବଣ୍ଟନ ଦୁର୍ନୀତିର ଗତି କୁଆଡ଼କୁ ଯିବ ତାହା ଜାଣିବା ପାଇଁ ସମସ୍ତେ ଅପେକ୍ଷାରେ ଥିବା କୁହାଯାଉଛି ।

ଜେସିବିରେ ଗାଁ ରାସ୍ତା କାଟିବା ପ୍ରସଙ୍ଗ

## ଗ୍ରାମବାସୀ ବିଧାୟକ ଓ ପ୍ରଶାସନର ଦ୍ୱାରସ୍ଥ



**କୋକସରା, ୯ ।୪ (ସମିସ):** ଗାଁର ଶହଶହ ବର୍ଷରୁ ଥିବା ରାସ୍ତାରକିଛି ଅଂଶକୁ ନିଜ ମାଲିକାନା ଦର୍ଶାଇ କୋକସରା ବ୍ଲକ ଗୋତମୁଣ୍ଡା ପଞ୍ଚାୟତର ଚୋରଣୀଦୁଆର ଦୁଇପରିବାର ଜେସିବି ଲଗାଇ ରାସ୍ତା କାଟିଦେଇଛନ୍ତି । ଯାହାଫଳରେ ଗାଁ ଲୋକେ ଯିବାଆସିବା ସମୟରେ ବିପଦକୁ ସାମ୍ନା କରୁଥିବା ଅଭିଯୋଗ ହୋଇଛି । ଏନେଇ ଗୁରୁବାର ଚୋରଣୀଦୁଆର ଗ୍ରାମବାସୀ ଧର୍ମଗଡ଼ ବିଧାୟକଙ୍କ ସମେତ, ଧର୍ମଗଡ଼ ଉପଜିଲ୍ଲାପାଳ, କୋକସରା ବିଡିଓ ଓ ତହସିଲଦାରଙ୍କ ନିକଟରେ ଫେରାଦ ହୋଇଛନ୍ତି । ଏହାର ସମାଧାନ କରିବାପାଇଁ ଲିଖିତ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି । ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଶହଶହ ବର୍ଷରୁ ଗାଁର ମୁଖ୍ୟରାସ୍ତା ଓ ଦୀର୍ଘ ୧୫ ବର୍ଷରୁ ଊର୍ଦ୍ଧ୍ୱ ହେବ ଉକ୍ତ ରାସ୍ତାଟି ଗ୍ରାମ୍ୟଉନ୍ନୟନ ବିଭାଗକୁ ହସ୍ତାନ୍ତର ହୋଇ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ ହୋଇଥିବା ସଡ଼କକୁ ଗ୍ରାମର ପୁରୁନ ଦୁର୍ଗା ଓ ଗଣେଶ ଦୁର୍ଗା ରାସ୍ତା ଯାଇଥିବା କିଛି ଅଂଶକୁ ତାଙ୍କ ମାଲିକାନାରେ ଥିବା ଦର୍ଶାଇ ଆସୁଛନ୍ତି । ଏନେଇ ସେମାନେ କିଛିଦିନ ଆଗରୁ ରାସ୍ତା ଅବରୋଧ କରିଥିବାବେଳେ ପରବର୍ତ୍ତୀ ସମୟରେ ଜେସିବି ମେସିନ ଲଗାଇ ରାସ୍ତା ଭାଙ୍ଗୁଥିଲେ । ଏହାକୁ ଗାଁ ଲୋକେ ବିରୋଧ କରିବା ପରେ ମଧ୍ୟ ସେମାନେ କାହାରି କଥାକୁ ଖାତିର ନକରି ରାସ୍ତାକୁ କାଟି ଦେଇଛନ୍ତି । ଯାହା ଫଳରେ ସ୍କୁଲ ଛାତ୍ରଛାତ୍ରୀ ସମେତ ଗାଁ ଲୋକେ ବିଭିନ୍ନ କାମରେ ଏହି ରାସ୍ତା ଦେଇ ଯିବାଆସିବା କରିବା ସମୟରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ଘଟଣାକୁ ନେଇ ଆଜି ଗ୍ରାମର ହିମାଚଳ ପୂଝାରୀ, ରାମେଶ୍ୱର ପୋଟା, ଇଶରାମ ନାଏକ, ଭୁତେଶ୍ୱର ସୁନା, ବିଭୂତି ପୋଟା, ଲିଙ୍ଗରାଜ ନାଏକ, ଲକ୍ଷ୍ମଣ ଗୋପାଳ, ଦ୍ରୋଣାଚାର୍ଯ୍ୟ ପୂଝାରୀ, ସୋଭା ମାଝୀ, ବାଳକୃଷ୍ଣ ସୁନା, ଗୌରାଙ୍ଗ ମାଝୀ, ଗୋରା ବିହାରୀ ପ୍ରମୁଖ ଶହଶହ ଗ୍ରାମବାସୀଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ଧର୍ମଗଡ଼ ବିଧାୟକ ସୁଧୀର ପାଟଯୋଷୀଙ୍କ ସମେତ, ଧର୍ମଗଡ଼ ଉପଜିଲ୍ଲାପାଳ, କୋକସରା ବିଡିଓ ଡୟ ହିମାଞ୍ଚଳ ମାଝୀ ଓ କୋକସରା ତହସିଲଦାର ଚୋଡ଼ଗଙ୍ଗ ପ୍ରଧାନଙ୍କୁ ପ୍ରଦାନ କରିଛନ୍ତି । ଅନ୍ୟପଟେ ବିଧାୟକ ସମେତ ପ୍ରଶାସନିକ ଅଧିକାରୀ ମାନେ ଏହାର ସମାଧାନ ପାଇଁ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିବା ଚୋରଣୀଦୁଆର ଗ୍ରାମବାସୀ ପ୍ରକାଶ କରିଛନ୍ତି ।

## ବାଞ୍ଜିମୁଣ୍ଡାରେ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର




**ମ.ରାମପୁର, ୯ ।୪ (ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁର ବ୍ଲକ ଉର୍ଲାଦାନୀ ପଞ୍ଚାୟତ ବାଞ୍ଜିମୁଣ୍ଡା ଗ୍ରାମରେ ମୋ ଜନତା ମୋ ଶକ୍ତି ଓ ଅଗ୍ରୱାଲ ମେଡିକାଲ ଓ ହେଲଥ କେୟାର ଆନୁକୂଲ୍ୟରେ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଅଞ୍ଚଳ ଅତି ଦୁର୍ଗମ ଓ ଗରିବ ଆଦିବାସୀ ବହୁଳ ଅଞ୍ଚଳ ହୋଇ ଥିବାରୁ ବହୁ ସଂଖ୍ୟାକ ବୃଦ୍ଧା ବୟସ୍କ ବ୍ୟକ୍ତିମାନଙ୍କ ଶରୀର ପରୀକ୍ଷଣ କରି ମାଗଣା ଔଷଧ ବଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମରେ ମ.ରାମପୁର ଓ ଉର୍ଲାଦାନୀ ହସ୍ପିଟାଲର ଡ଼ ସମ୍ବିତ୍ କୁମାର ନାୟକ, ଡ଼ ଅଭିଷେକ ନରେନ୍ଦ୍ର ଓ ଫାର୍ମାସିଷ୍ଟ ଗୋପାଳ ଚନ୍ଦ୍ର ଭୋଇ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । କାର୍ଯ୍ୟକ୍ରମରେ ଅଗ୍ରୱାଲ ହେଲଥ କେୟାରର ସୁମିତ ଅଗ୍ରୱାଲ, ଅମିତ ଅଗ୍ରୱାଲ ଓ ଆମଜନତା ଆମ ଶକ୍ତିର ଆବାହକ ନୀଳମାଧବ ସିଂ ଦେଓ ଯୋଗ ଦେଇ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ । ମିନେଶ ନାୟକ, ପ୍ରତାପ ମାଝୀ, ମନୋଜ ସା ଓ ବିଡାବାରୁ, ଉର୍ଲାଦାନୀ, ଲାହାଡ଼ି ଗ୍ରାମର ଯୁବକମାନେ ସହଯୋଗ କରିଥିଲେ ।

## ମା’ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ନୂତନ କୁଳପତିଙ୍କ ଯୋଗଦାନ

**ଭବାନୀପାଟଣା, ୯ ।୪ (ସମିସ):** ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ନୂତନ କୁଳପତିଙ୍କ ସ୍ୱାଗତ ଉପଲକ୍ଷେ ଶୁଭେଚ୍ଛା ସମାରୋହ ଅନୁଷ୍ଠିତ ହୋଇଯାଇଛି । ବୁଧବାର ଦିନ ନୂତନ କୁଳପତି ପ୍ରଫେସର ପଓନ କୁମାର ଅଗ୍ରୱାଲ ଯୋଗଦାନ କରିଛନ୍ତି । ଏହା ପୂର୍ବରୁ ଡ. ନିବେଦିତା ନାଥ କୁଳପତି ପଦବୀରେ ଅଧିଷ୍ଠିତ ହୋଇ ଦାୟିତ୍ୱ ନିର୍ବାହ କରିଆସୁଥିଲେ । ପ୍ରଫେସର ଅଗ୍ରୱାଲ ପୂର୍ବରୁ ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟରେ କୁଳପତିଭାବେ କାର୍ଯ୍ୟ କରୁଥିଲେ ।ଖୁସିର ବିଷୟ କୁଳପତି ସରକାରୀ ବିଜ୍ଞାନ ମହାବିଦ୍ୟାଳୟ (ମା’ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ),



ଭବାନୀପାଟଣାରେ ୧୯୭୯-୧୯୮୩ ପର୍ଯ୍ୟନ୍ତ ଆଇଏସ୍‌ସିରେ ଅଧ୍ୟୟନ କରିଛନ୍ତି । ଆଜି ସେହି ବିଶ୍ୱବିଦ୍ୟାଳୟରେ କୁଳପତି ଦାୟିତ୍ୱ ଗ୍ରହଣ କରି ଅସୀମ ଖୁସି ବ୍ୟକ୍ତ କରିଛନ୍ତି । ସମାରୋହରେ ପୂର୍ବତନ କୁଳପତି ଡକ୍ଟର ନିବେଦିତା ନାଥ, କୁଳସଚିବ ଡ.ଗୁଣନିଧି ନାଏକ, ଉପକୁଳସଚିବ ମେଜର ଡ.ଜୟଦେବ ସାହୁ, ବିତ୍ତ ନିୟନ୍ତ୍ରକ ସୁରେଶ ପିଡିସିକା, ପରୀକ୍ଷା ନିୟନ୍ତ୍ରକ ଡ. ନୀଳାଞ୍ଚଳ ପଟେଲ, ଗବେଷଣା ପରିଷଦର ନିର୍ଦ୍ଦେଶକ ଡ.ରାଜକିଶୋର ମାହାନା, ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଡ. କୈଳାସ ଚନ୍ଦ୍ର ଦାସ ପ୍ରମୁଖ କୁଳପତିଙ୍କୁ ସ୍ୱାଗତ କରିବା ସହିତ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗ ସହିତ ପରିଚିତ କରାଇଥିଲେ ।

## ଓଡ଼ିଆ ପକ୍ଷ ପାଳନ ଅବସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

**ଭବାନୀପାଟଣା, ୯ ।୪ (ସମିସ):** ମା’ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଓଡିଆ ପକ୍ଷ ପାଳନ ଅବସରରେ ଜାତୀୟ ସେବା ଯୋଜନା, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଓ ଯୁବ ରେଡ୍‌କ୍ରସର ମିଳିତ ଆନୁକୂଲ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିର କୁଳପତି ଡ.ନିବେଦିତା ନାଥଙ୍କ ହସ୍ତରେ ଉଦ୍‌ଘାଟନ ହୋଇଥିଲା । କୁଳସଚିବ ଡକ୍ଟର ଗୁଣନିଧି ନାଏକ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ନିହାରେନ୍ଦ୍ର ପଣ୍ଡା, ଧର୍ମଗଡ଼ ଉପଖଣ୍ଡର ଉପଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ସଂଯୋଜକ ଡ. ଚିତ୍ତରଞ୍ଜନ ଖୁଣ୍ଟିଆ, ଡ. ପ୍ରିୟରଞ୍ଜନ ବେହେରା, ସୁଶ୍ରୀ ରୋଜମେରୀ ଏକ୍କା, ଜୟନ୍ତ ଦଣ୍ଡସେନା, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ମେଜର ଡକ୍ଟର ଜୟଦେବ ସାହୁ, ଯୁବ ରେଡକ୍ରସ ଅଧିକାରୀ ସଞ୍ଜିବ କୁମାର ସାହୁ ପ୍ରମୁଖ ଉକ୍ତ ରକ୍ତଦାନ ଶିବିରରେ ଉପସ୍ଥିତ ହୋଇ ଛାତ୍ରଛାତ୍ରୀଙ୍କୁ ରକ୍ତଦାନ ପାଇଁ ଉତ୍ସାହିତ କରିଥିଲେ । ଧର୍ମଗଡ଼ ଉପଖଣ୍ଡର ଉପଜିଲ୍ଲାପାଳ ସୁଶ୍ରୀ ପ୍ରେକ୍ଷା ଅଗ୍ରୱାଲ ଖୁସିରେ ରକ୍ତଦାନ କରି ଛାତ୍ରଛାତ୍ରୀଙ୍କ ପ୍ରେରଣା ସାଜିଥିଲେ । କଳାହାଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ରକ୍ତ ଭଣ୍ଡାର ଅଧିକାରୀ ଡାକ୍ତର ବିଭେନ୍ଦୁ ବଳ ଓ ତାଙ୍କର ସହକର୍ମୀଗଣ ଉପସ୍ଥିତ ହୋଇ ୩୧ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ । ଛାତ୍ରଛାତ୍ରୀଙ୍କ ଉତ୍ସାହ ଦେଖି ରକ୍ତ ଭଣ୍ଡାର କର୍ମଚାରୀମାନେ ପ୍ରଶଂସା କରିଥିଲେ ।

## ରୋଗୀଙ୍କ ପାଇଁ ରକ୍ତଦେଲେ ଆମ୍ବୁଲାନ୍ସ କର୍ମଚାରୀ

**କୋକସରା, ୯ ।୪ (ସମିସ):** ମେଡିକାଲ ବେଡ୍‌ରେ ରହିଥିବା ଜଣେ ମହିଳା ରୋଗୀଙ୍କୁ ବି ପଜିଟିଭ ରକ୍ତର ଅତି ଆବଶ୍ୟକ ରହିଥିଲା । ରକ୍ତ ଭଣ୍ଡାରେ ପଜିଟିଭ ରକ୍ତ ନ ଥିବାରୁ ଚିନ୍ତାରେ



ପଡ଼ିଯାଇଥିଲେ ରୋଗୀଙ୍କ ପରିବାର ଲୋକେ । ପରିବାର ଓ ସମ୍ପର୍କୀୟମାନେ ‘ବି’ପଜିଟିଭ ରକ୍ତ ପାଇଁ ବିଭିନ୍ନ ସ୍ଥାନକୁ ଯୋଗାଯୋଗ କରୁଥିଲେ ।ଏହି ସମୟରେ କୋକସରା ବ୍ଲକର ଆମ୍ବୁଲାନ୍ସ କର୍ମଚାରୀ ନରେଶ କୁମାର ନାଏକ ରକ୍ତଦାନ କରି ମାନବିକତାର ପରିଚୟ ଦେଇଛନ୍ତି । ସୂଚନା ଅନୁସାରେ, କୋକସରା ବ୍ଲକ କନ୍ଦାବୁଟୁରା ଗ୍ରାମର କୈକେୟୀ ଛତ୍ରିଆ(୫୫) ରକ୍ତଚାପ ଓ ହାର୍ଟ ସମସ୍ୟା ପାଇଁ ଧର୍ମଗଡ଼ ମେଡିକାଲରେ ଭର୍ତ୍ତି ହୋଇଛନ୍ତି । ତାଙ୍କ ପାଇଁ ‘ବି’ ପଜିଟିଭ ରକ୍ତର ଆବଶ୍ୟକତା ରହିଥିଲା । ରକ୍ତ ଭଣ୍ଡାରେ ପଜିଟିଭ ରକ୍ତ ଷ୍ଟକ୍ ନ ଥିବାରୁ ଚିନ୍ତାରେ ପଡ଼ିଯାଇଥିଲେ । କୋକସରା ବ୍ଲକର ଆମ୍ବୁଲାନ୍ସ କର୍ମଚାରୀ ନରେଶ କୁମାର ନାଏକ ମେଡିକାଲକୁ ଯାଇଥିବା ବେଳେ ଖବର ଜାଣିବାକୁ ପାଇଥିଲେ । ଏହାପରେ ସେଠାକାର ରକ୍ତ ଭଣ୍ଡାରକୁ ଯାଇ ରକ୍ତଦାନ କରି ନିଜର ମହନୀୟତା ଦେଖାଇଛନ୍ତି । ଜରୁରୀକାଳୀନ ସମୟରେ ଆମ୍ବୁଲାନ୍ସ କର୍ମଚାରୀ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରି ରୋଗୀଙ୍କୁ ଠିକ୍ ସମୟରେ ଚିକିତ୍ସା ଯୋଗାଇବାରେ ମୁଖ୍ୟଭୂମିକା ଗ୍ରହଣ କରିଥାନ୍ତି ।

କେଗାଁ-ସିନାପାଲି ରାସ୍ତା ମରାମତି କାମ ନିମ୍ନମାନର

# କାମ ଚାଲିଛି; ଉଠିଯାଉଛି ପିଚୁ

**ଗୋଲାମୁଣ୍ଡା, ୯ ।୪(ସମିସ)**

ଗୋଲାମୁଣ୍ଡା ବ୍ଲକ କେଗାଁରୁ ସିନାପାଲି ରାସ୍ତା ଦୀର୍ଘ ଦିନ ଧରି ଖାଲଖମାରେ ଭର୍ତ୍ତି ହୋଇ ରହିଥିଲା । ଯାହାକୁ ନେଇ ସ୍ଥାନୀୟବାସିନ୍ଦା ଓ ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏ ସମ୍ପର୍କରେ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଥିଲା ଏବଂ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଶେଷରେ, ଧର୍ମଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ଉକ୍ତ ରାସ୍ତା ମରାମତି ପାଇଁ ପଦକ୍ଷେପ ନିଆଯାଇଥିଲା । ପ୍ରାପ୍ତ ସୂଚନା ଅନୁଯାୟୀ, ୨ କିଲୋମିଟର ୮୦୦ ମିଟର ରାସ୍ତା ମରାମତି ସକାଶେ ୩୮ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଥିଲା । କାର୍ଯ୍ୟ ଆରମ୍ଭ ହେବା ପରେ ହିଁ ନିମ୍ନମାନ କାମକୁ ନେଇ ଅଭିଯୋଗ ଉଠିଛି । ସ୍ଥାନୀୟ ଲୋକଙ୍କ କହିବା କଥା ଯେ, ରାସ୍ତା ମରାମତି କାର୍ଯ୍ୟରେ ବ୍ୟବହୃତ ସାମଗ୍ରୀର ମାନ ଅତ୍ୟନ୍ତ ନିକୃଷ୍ଟ ଏବଂ ନିର୍ମାଣ ଶୈଳୀ ମଧ୍ୟ ତ୍ରୁଟିପୂର୍ଣ୍ଣ । ନିମ୍ନମାନର କାମ ଯୋଗୁଁ ଗତକାଲି ହୋଇଥିବା ରାସ୍ତାର ପିଚୁ ଉଠି ଯାଇଥିବା ଦେଖିବାକୁ ମିଳିଛି । ଏପରି କାମ ହୁଏ ଅଳ୍ପଦିନ ମଧ୍ୟରେ ପୁଣି ପୂର୍ବାବସ୍ଥାକୁ ଫେରିଯିବ ବୋଲି ଆଶଙ୍କା ପ୍ରକାଶ ପାଇଛି । ଏହି ଘଟଣା ଧର୍ମଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗର ଖାମଖିଆଲି ନୀତିକୁ ପୁଣିଥରେ ପଦାରେ ପକାଇଛି । ଜନସାଧାରଣଙ୍କ ସୁବିଧା ପାଇଁ ଆସୁଥିବା ଅନୁଦାନକୁ ସଠିକ୍ ଭାବେ ବିନିଯୋଗ ନକରି, କିଛି ଅସାଧୁ ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ ନିମ୍ନମାନର କାର୍ଯ୍ୟ ହେଉଥିବା ଅଭିଯୋଗ ହେଉଛି । ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି । ଏନେଇ ଧର୍ମଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ କାନନ ପ୍ରଧାନଙ୍କୁ ପଚାରିବାରୁ ମୁଁ ନିଜେ ଯାଇ ସେହି କାର୍ଯ୍ୟର ତଦାରଖ କରିବି ବୋଲି ମତପ୍ରକାଶ କରିଥିଲେ ।

## ମକା ମିଶନ ସଚେତନତା ରଥ ଉଦ୍‌ଘାଟିତ

**ନୂଆପଡ଼ା/କୋମନା, ୯ ।୪(ସମିସ):** କୋମନା ବ୍ଲକ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀ ମକା ମିଶନ ଯୋଜନା ସଚେତନତା ରଥ ଉଦ୍‌ଘାଟିତ ହୋଇଥିଲା ।




ମୁଖ୍ୟଅତିଥି ଭାବରେ ବ୍ଲକ କୃଷିଧିକାରୀ ପ୍ରଶାନ୍ତ ବାଗ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ । ଉଦ୍‌ଘାଟନୀ ସମାରୋହରେ ଉପ କୃଷି ଅଧିକାରୀ ସଙ୍ଗୀତା ମେହେର, ସୌଦାମିନୀ ରାୟ, ସ୍ୱେଚ୍ଛାସେବୀ ସଂଗଠନ ସିପିଏସଡବ୍ଲୁର ମୁଖ୍ୟକର୍ଯ୍ୟାନିର୍ବାହୀ ବିରଞ୍ଚି ନାରାୟଣ ମହାପାତ୍ର ଓ ରାନୀମୁହାସ ମିଶନ ଶକ୍ତି ମହିଳା ମକା ପ୍ରଡ୍ୟୁସର କମ୍ପାନୀ ଲିଃ ସମସ୍ତ ସଦସ୍ୟା ଉପସ୍ଥିତ ରହିଥିଲେ । ସଚେତନତା ରଥ କୋମନା ବ୍ଲକର ପ୍ରତ୍ୟେକ ଗ୍ରାମ ପଞ୍ଚାୟତକୁ ବୁଲି ଏହି ଯୋଜନା ମାଧ୍ୟମରେ ମକା ଚାଷ କିପରି କରାଯିବ ଏବଂ ମକାଚାଷ କଲେ ଓଡ଼ିଶା ସରକାରଙ୍କ ତରଫରୁ କେଉଁ ସବୁ ସୁବିଧା ଅଛି ସଚେତନ କରିବ । ସେହିଭଳି କୋମନା ବ୍ଲକର ବିଭିନ୍ନ ଗ୍ରାମରେ ପଥପ୍ରାନ୍ତ ନାଟକ (ପାଲା )ମାଧ୍ୟମରେ ମଧ୍ୟ ମକା ଚାଷର ଉପକାରିତା ଓ ମକାଚାଷ ପ୍ରଣାଳୀ ବିଷୟରେ ଲୋକଙ୍କୁ ସଚେତନ କରାଯାଉଛି । ଏହି କାର୍ଯ୍ୟକ୍ରମ ସୁପରିଚାଳନା କରିବା ପାଇଁ ରାନିମୁହାସ ମିଶନଶକ୍ତି ମହିଳା ମକା ପ୍ରଡ୍ୟୁସର କମ୍ପାନୀ ସଦସ୍ୟାମାନେ ଉପସ୍ଥିତ ଥିଲେ । ସଂଯୋଜକ ଅକ୍ଷୟ କୁମାର ନାଗ ସହଯୋଗ କରିଥିଲେ ।

# କାଳବୈଶାଖୀ ଉଜାଡ଼ିଦେଲା ୪୩୯ ହେକ୍ଟର ଫସଲ

**ସିନାପାଲି, ୯ ।୪(ସମିସ)**



ନୂଆପଡ଼ା ଜିଲ୍ଲାର ସିନାପାଲି ବ୍ଲକରେ ଗତ ୫ ତାରିଖରେ ହୋଇଥିବା କୁଆପଥର ସହ ଭାରିବର୍ଷା ଫଳରେ କୃଷିକ୍ଷେତ୍ରରେ ଭୟାବହ ପ୍ରଭାବ ପଡ଼ିଛି। ବ୍ଲକ ରିପୋର୍ଟ ଅନୁଯାୟୀ, ସିନାପାଲିର ୯ଟି ପଞ୍ଚାୟତରେ ମୋଟ୍ ୪୩୯.୪୦ ହେକ୍ଟର ଜମିରେ ଫସଲ କ୍ଷତି ହୋଇଛି, ଯାହା ଏହି ଅଞ୍ଚଳର କୃଷକମାନଙ୍କୁ ଗଭୀର ସଙ୍କଟରେ ପକାଇଛି। ତଥ୍ୟ ଅନୁଯାୟୀ, ଗୋଡାଲରେ ୫୮.୦୦ ହେକ୍ଟର, ଗଣ୍ଡାବାହାଲିରେ ୨୩.୬୦ ହେକ୍ଟର, ସିଙ୍ଝରରେ ୧୨.୦୦ ହେକ୍ଟର, ଘଣ୍ଟିଗୁଡାରେ ୯୪.୦୦ ହେକ୍ଟର, ସିନାପାଲିରେ ୯୬.୦୦ ହେକ୍ଟର ଓ ବରଗାଁରେ ସର୍ବାଧିକ ୧୦୯.୦୦ ହେକ୍ଟର କ୍ଷତି ଦର୍ଶାଯାଇଛି। ଏହାଛଡ଼ା ଚଟିଆଗୁଡା (୨୭.୮୦ ହେକ୍ଟର), ମାଖାପଦର (୮.୦୦ ହେକ୍ଟର) ଓ ହାତୀବନ୍ଧା (୧୧.୦୦ ହେକ୍ଟର) ମଧ୍ୟ ଏହି ବିପଦରୁ ପ୍ରଭାବିତ ହୋଇଛି। କ୍ଷତିର ମାପଦଣ୍ଡ ଅନୁସାରେ ଦେଖିଲେ, ୩୧.୨୦ ହେକ୍ଟର ଜମିରେ ୩୩% ରୁ କମ୍ କ୍ଷତି, ୩୮୮.୩୦ ହେକ୍ଟର ଜମିରେ ୩୩-୫୦ଧ ପର୍ଯ୍ୟନ୍ତ କ୍ଷତି ଓ ୧୯.୯୦ ହେକ୍ଟର ଜମିରେ ୫୦% ରୁ ଅଧିକ କ୍ଷତି ଘଟିଛି। ଏହା ଦେଖାଉଛି ଯେ ବହୁତ ଅଂଶ ଜମି ମଧ୍ୟମ ରୁ ଗୁରୁତର କ୍ଷତିରେ ପଡ଼ିଛି। ଏହି ବିଷୟରେ ସିନାପାଲି ବ୍ଲକ କୃଷି ଅଧିକାରୀ ସୁଧାଂଶୁ ମେହେର କହିଥିଲେ ଯେତେକି ରିପୋର୍ଟ ଆମ ପାଖରେ ଆସିଛି, ତାହାକୁ ଆମେ ଉପରସ୍ଥ ଅଧିକାରୀଙ୍କ ପାଖକୁ ପଠାଇବୁ। ଯାହା ଆଧାରରେ ପରବର୍ତ୍ତୀ ସହାୟତା ପ୍ରକ୍ରିୟା ଆରମ୍ଭ ହେବ। ଏହି ଅଞ୍ଚଳର ଅଧିକାଂଶ ଲୋକ କୃଷି ଉପରେ ନିର୍ଭରଶୀଳ ଥିବାରୁ ଏପରି ଅଚାନକ ବିପଦ ସେମାନଙ୍କ ଜୀବନରେ ଭୟଙ୍କର ପ୍ରଭାବ ପକାଇଛି। ବିହନ, ସାର, ଔଷଧ ଓ ଶ୍ରମରେ ଲଗାଇଥିବା ପରିଶ୍ରମ ଏକ ମୁହୂର୍ତ୍ତରେ ନଷ୍ଟ ହୋଇଯାଇଛି। ଅନେକ କୃଷକ ଋଣ ନେଇ ଚାଷ କରିଥିବାରୁ ଏହି କ୍ଷତି ସେମାନଙ୍କୁ ଆର୍ଥିକ ଭାବେ ଅଧିକ ଦୁର୍ବଳ

**ଆକଳନ ସରିଛି, ସହାୟତାକୁ ଅପେକ୍ଷା**

କରିଦେଇଛି। ଏପରି ପରିସ୍ଥିତିରେ ତତ୍କାଳ କ୍ଷତିପୂରଣ, ଇନପୁଟ ସହାୟତା ଓ ଫସଲ ବୀମା ଯୋଜନାର ସଠିକ ଅମଲବାଣୀ ଅତ୍ୟାବଶ୍ୟକ। ସରକାର ଓ ଜିଲ୍ଲା ପ୍ରଶାସନ ଯଦି ସମୟରେ ପଦକ୍ଷେପ ନେଇ କୃଷକମାନଙ୍କୁ ସହାୟତା ଯୋଗାଇଦିଅନ୍ତି, ତେବେ ସେମାନେ ପୁନର୍ବାର ନୂତନ ଆଶା ସହ କୃଷିକାର୍ଯ୍ୟରେ ଲାଗିପାରିବେ।

## କେନ୍ଦୁପତ୍ର ତୋଳାଳି ହିତାଧିକାରୀଙ୍କୁ ମୃତ୍ୟୁକାଳୀନ ସହାୟତା

**ନୂଆପଡ଼ା, ୯ ।୪ (ସମିସ):** ତରବୋଡ଼ ରେଞ୍ଜ କାର୍ଯ୍ୟାଳୟରେ ଖଡ଼ିଆଳ କେନ୍ଦୁପତ୍ର ଡିଭିଜନର ୭୯ ଜଣ କେନ୍ଦୁପତ୍ର ତୋଳାଳି ହିତାଧିକାରୀଙ୍କୁ ସାମାଜିକ କଲ୍ୟାଣ ଯୋଜନାରୁ ମୃତ୍ୟୁକାଳୀନ ସହାୟତା ଅର୍ଥ ବାବଦକୁ ଦୁଇ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପିସିସି ଉମା ନାନ୍ଦୁରୀଦେବୀ ମୁଖ୍ୟ ଅତିଥି, ସିସିଏଫ୍ ବଲାଙ୍ଗିର ସର୍କଲ ରଞ୍ଜିତ ମଲ୍ଲିକ, ଖଡ଼ିଆଳ କେନ୍ଦୁପତ୍ର ଡିଏଫଓ ଏ.ମାଧବୀ ଲତା ଦେବୀ, ଜିଲ୍ଲା ସ୍କିଲ ଡେଭ୍ଲପମେଣ୍ଟ ଅଫିସର ଲାକ୍ରା ବାବୁ, ଖଡ଼ିଆଳ ଏସବିଆଇ ଚିଫ୍ ମ୍ୟାନେଜର ଦୀନେଶ କୁମାର ମିଶ୍ର, ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ରାଜ୍ୟ ସମ୍ପାଦକ ଯଦୁମଣି ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଜିଲ୍ଲା କେନ୍ଦୁ ପତ୍ର ବିଭାଗ ଓ ସ୍କିଲ ଡେଭଲପ୍‌ମେଣ୍ଟ ବିଭାଗର ମିଳିତ ଆନୁକୂଲ୍ୟରେ ତରବୋଡଠାରେ ଏକ ସ୍କିଲ ଡେଭଲପମେଣ୍ଟ କେନ୍ଦ୍ର ପ୍ରସ୍ତୁତ କରାଯାଇଛି। ଏଥିରେ ୧୮ରୁ ୩୫ ସ ବର୍ଷର ମାଟ୍ରିକ ପାସ୍ ଓ ଅଣ ମାଟ୍ରିକ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଧନ୍ଦାମୂଳକ ପ୍ରଶିକ୍ଷଣ ନେଇ ନିଜ ପାଇଁ ରୋଜଗାର ପନ୍ଥା ବାଛିପାରିବେ। ତରବୋଡର ଦୁଇଟି ଅବ୍ୟବହୃତ ଗୋଦାମ ଘରକୁ ପୁନଃ ନିର୍ମାଣ କରି, କ୍ଲାସ୍‌ରୁମ, ଡାଇନିଂ ହଲ, ଶୌଚାଳୟ ଆଦି ନିର୍ମାଣ ଶେଷହୋଇ ଥିବାବେଳେ ଅଳ୍ପଦିନ ଭିତରେ ପାଠପଢ଼ା ଆରମ୍ଭ ହେବବୋଲି କୁହାଯାଇଛି। ଷ୍ଟେଟ୍‌ବ୍ୟାଙ୍କ ତରଫରୁ କର୍ପୋରେଟ ଦାୟିତ୍ୱ ପାଣ୍ଠିରୁ ଚିଫ୍ ମ୍ୟାନେଜର ସମସ୍ତ ୭୯ଜଣ ହିତାଧିକାରୀଙ୍କ ପାଇଁ ଗୋଟିଏ ଲେଖାଏଁ କମ୍ବଳ ପ୍ରଦାନ କରିଥିଲେ।



## ମୃତଦେହ ଫେରାଇ ଆଣିବାରେ ବ୍ଲକ ଅଧ୍ୟକ୍ଷଙ୍କ ମହାନତା

**ଗୋଲାମୁଣ୍ଡା, ୯ ।୪(ସମିସ):** ଗୋଲାମୁଣ୍ଡା ବ୍ଲକ ଅଧୀନ ମହାଲିଙ୍ଗ ଗ୍ରାମର ଜଣେ ଜଣେ ଯୁବକଙ୍କ ରାୟପୁର ଡାକ୍ତରଖାନାରେ ମୃତ୍ୟୁପରେ ତାଙ୍କ ପରିବାର ମୃତଦେହକୁ ଫେରାଇ ଆଣିବାକୁ ଅସମର୍ଥ ଥିଲେ। ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ସହାୟତାର ହାତ ବଢ଼ାଇଛନ୍ତି। ମହାଲିଙ୍ଗ ଗ୍ରାମର ଲିଙ୍ଗରାଜ ଅଘରିଆ (୩୫) ନାମକ ଜଣେ ଯୁବକ ଏକ ସଡ଼କ ଦୁର୍ଘଟଣାର ଶିକାର ହୋଇ ଗୁରୁତର ଅବସ୍ଥାରେ ରାୟପୁର ସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ଗତକାଲି ଦୁର୍ଭାଗ୍ୟବଶତଃ ଚିକିତ୍ସାଧୀନ ଅବସ୍ଥାରେ ଉକ୍ତ ଯୁବକଙ୍କ ଦେହାନ୍ତ ହୋଇଥିଲା। ମୃତଦେହକୁ ଫେରାଇ ଆଣିବା ପାଇଁ ପରିବାର ଲୋକେ ସମର୍ଥ ନଥିଲେ। ଏନେଇ ଉକ୍ତ ଯୁବକଙ୍କ ପରିବାର ଲୋକେ ସୋସିଆଲ ମେଡିଆରେ ବ୍ଲକ ଅଧ୍ୟକ୍ଷ ଓ ଜୁନାଗଡ଼ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଖବର ପାଇବା ପରେ, ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ତୁରନ୍ତ ପରିବାର ସହିତ ଯୋଗାଯୋଗ କରିଥିଲେ।

## ସେବାଜଗତର ପ୍ରତିଷ୍ଠା ଦିବସ

**ମ.ରାମପୁର, ୯ ।୪ (ସମିସ):** କଳାହାଣ୍ଡିର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବାଜଗତର ପ୍ରତିଷ୍ଠା ଉତ୍ସବ ବୁରାଟସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସେବାଜଗତର ସମ୍ପାଦକ ସତ୍ୟ ନାରାୟଣ ପଟ୍ଟନାୟକ ଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ସମ୍ମାନିତ ଅତିଥି ଭାବେ ସେବାଜଗତର ପୂର୍ବତନ ସଭାପତି ଧନସିଂ ମାଝୀ, ସାମ୍ବାଦିକ ହେମନ୍ତ ସାହୁ ଉପସ୍ଥିତ ରହି ୩୪ ବର୍ଷ ର ସଫଳତା ସମ୍ପର୍କରେ ଦୃଷ୍ଟି ପାତ କରିଥିଲେ। ରୋଶନାରା ମହାନ୍ତି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥବା ବେଳେ କର୍ମୀ ପ୍ରଦୀପ ସାହୁ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶଙ୍କର ସୁନା, ସୁନୀତା ତାଣ୍ଡି, ଟଙ୍କଧର ବଗର୍ତ୍ତୀ, ସୁବାସ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ନାମ ଲେଖା ନିମନ୍ତେ ସଚେତନତା ସଭା

**ଜୁନାଗଡ଼, ୯ ।୪(ସମିସ):** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସହରସ୍ଥିତ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ତରଫରୁ ସ୍ଥାନୀୟ ତାଳବନ୍ଧ ପଡ଼ାରେ ଏକ ସଚେତନତା ସଭା ତଥା ପଥପ୍ରାନ୍ତ ନାଟକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ନେପାଳ ଚନ୍ଦ୍ର ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି ଦୁର୍ଗା ପ୍ରସାଦ ନାଏକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ହିମାଦ୍ରୀ ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସରକାରୀ ଶିକ୍ଷକଙ୍କ ଉପଯୁକ୍ତ ଦକ୍ଷତା ଥିବା ଯୋଗୁଁ ସରକାରୀ ସ୍କୁଲରେ ନାମ ଲେଖାଇବା ଉଚିତ୍ ବୋଲି ମତାମତ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବିରୁପକ୍ଷ ନାଏକ, କାଉନସିଲର ହିମାଦ୍ରୀ ସିନ୍ଦୂର, ସଭ୍ୟ ଚନ୍ଦ୍ରହାସ୍ୟ ଗୁରୁ, ବାଲାଜୀ ଯାଦବ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କ୍ଷୀରୋଦ କୁମାର ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ। ବରିଷ୍ଠ ଶିକ୍ଷକ ମଳୟ କୁମାର ମୁଣ୍ଡ ସଂଯୋଜନା କରିଥିବାବେଳେ ଶିକ୍ଷକ ସଞ୍ଜୀବ କୁମାର ପଣ୍ଡା ଧନ୍ୟବାଦ

## ଚାକିରି ଆଶାୟୀଙ୍କ ପାଇଁ ନିଃଶୁଳ୍କ କୋଚିଂ

**ନୂଆପଡ଼ା, ୯ ।୪(ସମିସ):** ଶିକ୍ଷିତ ଯୁବକ ଯୁବତୀଙ୍କୁ ସଶକ୍ତ କରି ସେମାନଙ୍କ ସ୍ୱପ୍ନକୁ ସାକାର କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନୂଆପଡ଼ା ଜିଲ୍ଲା ପ୍ରଶାସନ ନେଇଛି। ୟୁପିଏସସି ଓ ଓପିଏସ୍‌ସି ଭଳି ବିଭିନ୍ନ ପ୍ରଶାସନିକ ସେବା ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ପ୍ରାର୍ଥୀମାନଙ୍କ ପାଇଁ ମାଗଣା କୋଚିଂ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଜିଲ୍ଲାପାଳ ମଧୁସୂଦନ ଦାଶ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ କୋଚିଂ ବ୍ୟବସ୍ଥାକୁ ଆନୁଷ୍ଠାନିକ ଭାବରେ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ୩୦ରୁ ଅଧିକ ଚାକିରି ଆଶାୟୀ ଯୋଗ ଦେଇଥିଲେ। ଉପସ୍ଥିତ ପ୍ରାର୍ଥୀମାନଙ୍କୁ ସମ୍ବୋଧନ କରି ଜିଲ୍ଲାପାଳ କହିଥିଲେ ଯେ, ସିଭିଲ ସର୍ଭିସ ପାଇଁ ସୁଚିନ୍ତିତ ଓ ପ୍ରଣାଳୀବଦ୍ଧ ଭାବରେ ପ୍ରସ୍ତୁତ ହେବ ଆବଶ୍ୟକ। ସଫଳତାର ଟ୍ରେନ ଧରିବାକୁ ହେଲେ ନିଜ ମନକୁ ଟ୍ରେନ ବା ପ୍ରଶିକ୍ଷିତ କରିବାକୁ ପଡ଼ିବ ବୋଲି କହିଥିଲେ। ଏହି ଅବସରରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅମ୍ରିତପାଲ ସିଂ ନିଜର ଭାରତୀୟ ପୁଲିସସେବାର ଯାତ୍ରା ସମ୍ପର୍କରେ ଅନୁଭବ ବଖାଣି ଥିଲେ। ସେ ପ୍ରାର୍ଥୀମାନଙ୍କୁ ସମୟର ସଠିକ ବ୍ୟବହାର କରି ବ୍ୟବସ୍ଥାର ସମ୍ପୂର୍ଣ୍ଣ ଉପଯୋଗ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ପ୍ରାର୍ଥୀମାନଙ୍କ ପାଇଁ ମକ ଟେଷ୍ଟ (ଅଭ୍ୟାସ ପରୀକ୍ଷା) ଆୟୋଜନ କରାଯାଇଥିଲା। ପ୍ରାର୍ଥୀମାନଙ୍କୁ ଉତ୍ସାହିତ କରିବା ପାଇଁ ଜିଲ୍ଲାପାଳ, ଏସ୍‌ପି, ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରଇତ, ସିଡିଓ ଲମ୍ବୋଦର ଧରୁଆ ଓ ଉପ ଜିଲ୍ଲାପାଳ ସୁର୍ମି ସୋରେନ ଅଂଶଗ୍ରହଣ କରିଥିଲେ।

## ପାନୀୟ ଜଳ ସମସ୍ୟା ନେଇ ତାତିଲେ ମହିଳା



**ସିନାପାଲି, ୯ ।୪(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକସ୍ଥିତ ଗୋଡାଲ ଗ୍ରାମରେ ପାନୀୟ ଜଳ ସମସ୍ୟାକୁ ନେଇ ମହିଳାମାନେ ରାଜ ରାସ୍ତାକୁ ଓହ୍ଲାଇ ପ୍ରଶାସନ ବିରୋଧରେ ଗର୍ଜିଛନ୍ତି। ସିନାପାଲି ସଦରକୁ ଲାଗି ରହିଥିବା ଉକ୍ତ ଗ୍ରାମରେ ଗୋଟିଏ ସପ୍ତାହ ହେଲା ଜଳ ଯୋଗାଣ ହେଇ ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ପ୍ରକାଶ ଯୋଗ୍ୟ ଯେ, ସିନାପାଲି ବ୍ଲକ କାର୍ଯ୍ୟାଳୟଠାରୁ ମାତ୍ର ଦୁଇ କିଲୋମିଟର ଦୂରରେ ଏହି ଗାଁ ଅବସ୍ଥିତ। ଗାଁରେ ୩ଟି ୱାର୍ଡ ରହିଥିବା ବେଳେ ଏକ ଜନବହୁଳ ଗ୍ରାମ ଅଟେ। ହେଲେ ଏଠାରେ ବିଦ୍ୟୁତ ବିଭାଗ ଓ ପାନୀୟ ଜଳ ଯୋଗାଣ ବିଭାଗର ଅପାରଗତା ଯୋଗୁଁ ବାରମ୍ବାର ଏହି ଗ୍ରାମରେ ଜଳ ଯୋଗାଣ ରେ ବାଧା ସୃଷ୍ଟି ହେଉଛି। ଏପରିକି ଗ୍ରାମର ଅନେକ ନଳକୂପ ଅଚଳ ହୋଇ ପଡ଼ିଥିବା ବେଳେ ପ୍ରକଳ୍ପ ରୁ ଜଳ ଯୋଗାଣ ସ୍ୱାଭାବିକ ହେଉନାହିଁ। ଜଳ ଟିକିଏ ପାଇବା ପାଇଁ ପାହାନ୍ତିଆରୁ ମହିଳାଙ୍କ ଭିଡ଼ ଦେଖିବାକୁ ମିଳୁଥିବାବେଳେ ଏଥିପ୍ରତି କାହାରି ଦୃଷ୍ଟି ପଡୁନାହିଁ। ଗ୍ରାମବାସୀଙ୍କ କହିବା ଅନୁସାରେ ଯେଉଁଠାରେ ପ୍ରକଳ୍ପ ବସିଛି ସେଠାରେ କିଛି ଚାଷୀ ଧାନ ଚାଷ କରିଛନ୍ତି। ସେମାନେ ବଳ ପୂର୍ବକ ଜଳଯୋଗାଣକୁ ବନ୍ଦ କରି ଦେଉଥିବା ଜଳଯୋଗାଣ ଓ ପରିମଳ ବିଭାଗ ରେ କାର୍ଯ୍ୟରତ କର୍ମଚାରୀ ମାନେ ପ୍ରକାଶ କରିଛନ୍ତି। ତେବେ ଏଠାରେ ପ୍ରଶ୍ନ ଯେ, ବର୍ତ୍ତମାନ ଗ୍ରୀଷ୍ମ ଋତୁରେ ମଣିଷ ବଞ୍ଚିବା ପାଇଁ ଜଳ ର ଆବଶ୍ୟକତା ରହିଥିବା ବେଳେ ଚାଷ ଜମି ରେ ପାଣି ମଡାଇବା କେତେଦୂର ଯୁକ୍ତି ଯୁକ୍ତ ଓ ବିଭାଗୀୟ ଅଧିକାରୀ ଏହାକୁ ସମର୍ଥନ କରି ଜଳଯୋଗାଣ ନ କରିବା ପ୍ରଶାସନ ର ବିଡମ୍ବନା ବୋଲି ସାଧାରଣ ରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ସମାଧାନ କରା ନ ଗଲେ ବ୍ଲକ କାର୍ଯ୍ୟାଳୟ ନିକଟରେ ଆନ୍ଦୋଳନ କରିବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

### ଉଦ୍ୟାନ କୃଷି ଯୋଜନାର ସମୀକ୍ଷା

## ୫ ପ୍ରଗତିଶୀଳ ଚାଷୀ ସମ୍ବର୍ଦ୍ଧିତ

**ନୂଆପଡ଼ା, ୯ ।୪ (ସମିସ):** ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଉଦ୍ୟାନ କୃଷି ବିଭାଗର ବିଭିନ୍ନ ଯୋଜନା ସମ୍ବନ୍ଧୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ଆରମ୍ଭରେ ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ହରେକୃଷ୍ଣ ଚାନ୍ଦ ହାଁସଦା ବିଭାଗର ପ୍ରଗତି ସମ୍ପର୍କିତ ବିସ୍ତୃତ ବିବରଣୀ ଉପସ୍ଥାପନ କରିଥିଲେ। ଜିଲ୍ଲାର ପାଞ୍ଚଟି ବ୍ଲକରେ ୫୫ ଏକର ଜମିରେ ନୂତନ ଆମ୍ବ ବଗିଚା ସୃଷ୍ଟି କରାଯାଇଥିବା ବେଳେ, ୫ ଏକର ଜମିରେ ହାଇବ୍ରିଡ ଅମୃତଭଣ୍ଡା ବଗିଚା ମଧ୍ୟ ସ୍ଥାପିତ ହୋଇଛି। ପ୍ରତି ବୁନ୍ଦାରୁ ଅଧିକ ଉତ୍ପାଦନ" ଯୋଜନା ଅଧୀନ ଡ୍ରିପ୍ ସିଞ୍ଚାଇ ବ୍ୟବସ୍ଥା ପାଇଁ ୩୦୦ ହେକ୍ଟର ଲକ୍ଷ୍ୟ ଥିଲାବେଳେ ୨୮୫ ହେକ୍ଟରରେ କାର୍ଯ୍ୟକରିତା ହୋଇ ୯୫ ପ୍ରତିଶତ ସଫଳତା ହାସଲ କରାଯାଇଥିବା କୁହାଯାଇଛି। ସେହିପରି, ସ୍ପ୍ରିଙ୍କଲର ସିଞ୍ଚାଇରେ ୧୩୦୦ ହେକ୍ଟର ଲକ୍ଷ୍ୟ ଥିଲାବେଳେ ୧୨୦୦ ହେକ୍ଟରରେ କାର୍ଯ୍ୟସାଧନ ହୋଇ ୯୨ ପ୍ରତିଶତ ସଫଳତା ମିଳିଛି। ଏହା ସହିତ ଉଦ୍ୟାନ କୃଷି ଅଭିବୃଦ୍ଧି ପାଇଁ ସମନ୍ୱିତ ମିଶନ ଏବଂ ଖାଇବା ତେଲର ଜାତୀୟ କାର୍ଯ୍ୟକ୍ରମ ସହିତ ଅନ୍ୟାନ୍ୟ ଯୋଜନାମାନଙ୍କର ମଧ୍ୟ ସମୀକ୍ଷା କରାଯାଇଥିଲା। ଏହି ଅବସରରେ ଜିଲ୍ଲାର ପାଞ୍ଚଜଣ ପ୍ରଗତିଶୀଳ ଓ ସଫଳ ଉଦ୍ୟାନ ଚାଷୀ ବାସୁଦେବ ଧରୁଆ (ବୋଡେନ), ତାରାଚାନ୍ଦ ମାଝୀ (କୋମନା), ଦୁଲାର ସିଂ ମାଝୀ (ନୂଆପଡ଼ା), ଛତରସାଇ ମାଝୀ (ଖଡ଼ିଆଳ) ଏବଂ ଲଖନ ମାଝି (ସିନାପାଲି)ଙ୍କୁ ସମ୍ମାନିତ କରାଯାଇଥିଲା। ବୈଠକରେ କୋମନା ସହାୟକ ଉଦ୍ୟାନ କୃଷି ଅଧିକାରିଣୀ ଆରାଧନା ଶବର, କୋମନା ଉଦ୍ୟାନ କୃଷି ଅଧିକାରୀ ଗୌରାଙ୍ଗ ଚରଣ ପ୍ରଧାନ, ନୂଆପଡ଼ା ଉଦ୍ୟାନ କୃଷି ଅଧିକାରୀ ଗୋବର୍ଦ୍ଧନ ପାଢ଼ୀ, ଖଡ଼ିଆଳ ସହାୟକ ଉଦ୍ୟାନ କୃଷି ଅଧିକାରୀ ମୋହିତ କୁମାର ନାୟକ ସହ ଉଦ୍ୟାନ କୃଷି ବିଭାଗର ସମସ୍ତ ଅଧିକାରୀମ ଉପସ୍ଥିତ ଥିଲେ।



## ବିଭିନ୍ନ ବିଦ୍ୟାଳୟ ବୁଲିଲା ଶିକ୍ଷା ସଚେତନତା ରଥ



**ଲାଞ୍ଜିଗଡ଼, ୯ ।୪(ସମିସ):** ଶିକ୍ଷାବର୍ଷରେ ନୂତନ ଛାତ୍ରଛାତ୍ରୀମାନଙ୍କ ନାମଲେଖା ଓ ଶିକ୍ଷା ସଚେତନତା ପାଇଁ ଲାଞ୍ଜିଗଡ଼ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ବିଭିନ୍ନ ବିଦ୍ୟାଳୟ ପରିକ୍ରମା କରୁଛି ଶିକ୍ଷା ସଚେତନତା ରଥ। ଏହି ସଚେତନତା ରଥକୁ ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ରୋଡ଼ ଆଞ୍ଚଳିକ ସାଧନକେନ୍ଦ୍ରର ବିଭିନ୍ନ ବିଦ୍ୟାଳୟରେ ସ୍ୱାଗତ କରାଯାଇଛି। ରଥ ପ୍ରଥମେ ଲାଞ୍ଜିଗଡ଼ରୋଡ ସାଧନକେନ୍ଦ୍ର ଅଧୀନସ୍ଥ ସିକେରକୁପା ପ୍ରାଥମିକ ବିଦ୍ୟାଳୟ, ଲାଞ୍ଜିଗଡ଼ରୋଡ଼ ଉଚ୍ଚ ବିଦ୍ୟାଳୟ ଓ କ୍ଲଷ୍ଟର ବିଭିନ୍ନ ବିଦ୍ୟାଳୟରେ ପହଞ୍ଚିଲା ପରେ ପୂଜାର୍ଚ୍ଚନା ଓ ମନୋରଞ୍ଜନ କାର୍ଯ୍ୟକ୍ରମ ସହ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ଉପସ୍ଥିତ ରହି ଛାତ୍ରଛାତ୍ରୀ ତଥା ଅଭିଭାବକଙ୍କୁ ସଭିଏଁ ସ୍କୁଲ ଯିବା, ପାଠ ପଢ଼ିବା ସଚେତନତା ବାର୍ତ୍ତା ପ୍ରଦାନ କରାଯିବା ସ୍‌ହ ଶିକ୍ଷା ସଚେତନ୍ତା ଉପରେ ଅବଗତ କରାଯାଇଥିଲା। ଲାଞ୍ଜିଗଡ଼ରୋଡ଼ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଶ୍ରବଣ କୁମାର ସରାଫଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ସମସ୍ତ ଛାତ୍ରଛାତ୍ରୀ ଓ ଅଭିଭାବକ ମାନେ ଉପସ୍ଥିତ ଥିଲେ।

## ପଞ୍ଚାୟତ ସମିତିସ୍ତରୀୟ ବଜେଟ ସଭା



**ଗୋଲାମୁଣ୍ଡା, ୯ ।୪(ସମିସ):** ଗୋଲାମୁଣ୍ଡା ପଞ୍ଚାୟତ ସମିତି ଅଧୀନ ସଭାଗୃହରେ ଏକ ଗୁରୁତ୍ୱପୂର୍ଣ୍ଣ ପଞ୍ଚାୟତ ସମିତିସ୍ତରୀୟ ବଜେଟ ସଭା ଆୟୋଜିତ ହୋଇଛି। ଏହି ସଭାରେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହାସହ ଗୋଲାମୁଣ୍ଡା ବ୍ଲକର ଏବିଡିଓ ବିଜୟ କୁମାର ନାୟକ, ଏପିଓ କ୍ଷେତ୍ରମୋହନ ମାଝୀ ଏବଂ ଜିପିଡିଓ ସୁଷମା ନାଏକ, ଦଶପୁର ଜୋନ୍ ଜିଲ୍ଲା ପରିଷଦ ସଭ୍ୟା ସରିତା ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ସଭାର ଆରମ୍ଭରେ ବ୍ଲକ ଅଧିକାରୀମାନେ ପୂର୍ବବର୍ଷର ଆୟ ବ୍ୟୟର ବିବରଣୀ ଉପସ୍ଥାପନ କରିଥିଲେ ଏବଂ ଆଗାମୀବର୍ଷ ପାଇଁ ପ୍ରସ୍ତାବିତ ବଜେଟ ଉପରେ ଆଲୋକପାତ କରିଥିଲେ। ବ୍ଲକ ଅଧ୍ୟକ୍ଷ ଶ୍ରୀମହାନନ୍ଦ ନିଜ ଅଭିଭାଷଣରେ ଗୋଲାମୁଣ୍ଡା ପଞ୍ଚାୟତ ସମିତି ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତି ଉପରେ ଗୁରୁତ୍ୱାରୋପ କରିଥିଲେ। ଏବିଡିଓ ବିଜୟ କୁମାର ନାୟକଙ୍କ ସମେତ ମଞ୍ଚସ୍ଥ ଅତିଥି ବୃନ୍ଦ ନିଜନିଜ ବକ୍ତବ୍ୟରେ ବଜେଟର ସୁବିନିଯୋଗ ତଥା ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇଥିଲେ। ସର୍ବସମ୍ମତି କ୍ରମେ ଆଗାମୀ ବର୍ଷ ପାଇଁ ଅଧିକରୁ ଅଧିକ ବଜେଟକୁ ଅନୁମୋଦନ କରାଯାଇଥିଲା। ଯାହା ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କୃଷି ଏବଂ ପାନୀୟ ଜଳ ଭଳି ମୌଳିକ ସେବାଗୁଡିକର ଉନ୍ନତି ପାଇଁ ବ୍ୟବହୃତ ହେବ।

# ତରଭାକୁ ଉପଖଣ୍ଡ ମାନ୍ୟତା ପ୍ରଦାନ ପାଇଁ ଦାବି

**ତରଭା, ୯ ।୪(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ତରଭାକୁ ଉପଖଣ୍ଡ ମାନ୍ୟତା ପ୍ରଦାନ ପାଇଁ ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ବଲାଙ୍ଗୀର ସାଂସଦ ସଙ୍ଗୀତା କୁମାରୀ ସିଂହଦେଓ, ସୋନପୁର ବିଧାୟକ ନିରଞ୍ଜନ ପୁଜାରୀଙ୍କ ଉଦ୍ଦେଶ୍ୟରେ ସୋନପୁର ଜିଲ୍ଲାପାଳ ଡ. ନୃପରାଜ ସାହୁଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ତରଭା ବ୍ଲକ ସାମ୍ବାଦିକ ସଂଘର ସଭାପତି ଅଶୋକ ସାହୁ, ସମ୍ପାଦକ ମାନଭଞ୍ଜନ ମିଶ୍ର, ଉପ ସଭାପତି ଅନ୍ତର୍ଯ୍ୟାମୀ ସାହୁ, କୋଷାଧ୍ୟକ୍ଷ କପିଳାସ ସେଠ, ସୁକାନ୍ତ ମିଶ୍ର ଓ ଅନ୍ୟମାନେ ଗୁରୁବାର ସନ୍ଧ୍ୟାରେ ଜିଲ୍ଲାପାଳଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଥିଲେ। ସୋନପୁର ଜିଲ୍ଲାର ତରଭା ଏକ ପୁରାତନ ଓ ମହତ୍ୱପୂର୍ଣ୍ଣ ସହର। ୧୯୬୭ ମସିହାରୁ ଏହା ଏନଏସିର ମାନ୍ୟତା ପାଇଛି। ଏହାକୁ ଏକ ଉପଖଣ୍ଡରେ ପରିଣତ କରିବାକୁ ୧୯୯୨ ମସିହାରୁ ଦାବି ହୋଇଆସୁଛି। ଏହି ସହରରେ ବ୍ଲକ କାର୍ଯ୍ୟାଳୟ, ତହସିଲ ଓ ଜୁଡିସିଆଲ ମାଜିଷ୍ଟ୍ରେଟ ଫାଷ୍ଟ କ୍ଲାସ(ଜେଏମଏଫସି)କୋର୍ଟ ଭଳି ଆବଶ୍ୟକ ପ୍ରଶାସନିକ କାର୍ଯ୍ୟାଳୟ ରହିଛି। ଏହା ଏହାକୁ ଏକ ଉପଖଣ୍ଡ ମୁଖ୍ୟାଳୟ ଭାବେ କାର୍ଯ୍ୟ କରିବାକୁ ପୂର୍ଣ୍ଣ ପ୍ରସ୍ତୁତ କରିଛି। ଭୌଗୋଳିକ ଦୃଷ୍ଟିରୁ ତରଭା ଜିଲ୍ଲା ମୁଖ୍ୟାଳୟରୁ ୩୨ କିମି ପଶ୍ଚିମରେ ଅବସ୍ଥିତ। ତରଭା ବ୍ଲକ ବାଲିଖମାର ପଞ୍ଚାୟତର ଶେଷ ଗ୍ରାମ କରଲାମୁହାଁଣରୁ ସୋନପୁରର ଦୂରତ୍ୱ ୬୨ କିମି ରହିଥିବାବେଳେ ରାଣୀସର୍ଦା ପଞ୍ଚାୟତର ଶେଷ ଗ୍ରାମ କୁମଣ୍ଡେରୁ ୪୫ କିମି ଦୂରରେ ରହିଛି; ଯାହା ଲୋକଙ୍କୁ ଉଚ୍ଚସ୍ତରୀୟ ପ୍ରଶାସନିକ ସେବା ପ୍ରାପ୍ତିରେ ଅସୁବିଧା ସୃଷ୍ଟି କରୁଛି ବୋଲି ଯୁକ୍ତି ଦର୍ଶା ଯାଇଛି। ତେବେ ସ୍ଥାନୀୟ ସାମ୍ବାଦିକ ସଂଘର ଆବହକତ୍ୱରେ ଚାଲିଥିବା ତରଭା ଉପଖଣ୍ଡ ଦାବିକୁ ଦଳ ମତ ନିର୍ବିଶେଷରେ ଅଞ୍ଚଳବାସୀ ପୂର୍ଣ୍ଣ ସମର୍ଥନ ଜଣାଉଛନ୍ତି।



**ନେତୃତ୍ୱ ନେଉଛି ତରଭା ବ୍ଲକ ସାମ୍ବାଦିକ ସଂଘ**

**ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ଦେଲେ କର୍ମକର୍ତ୍ତା**

**ଭୌଗୋଳିକ, ପ୍ରଶାସନିକ ଦୃଷ୍ଟିକୋଣକୁ ନେଇ ଯୁକ୍ତି ଉପସ୍ଥାପନା**

## ଓଡ଼ିଆ ପକ୍ଷ ଅବସରରେ 'ଆସ ବହିଟିଏ କିଣିବା' ଓ ରକ୍ତଦାନ କାର୍ଯ୍ୟକ୍ରମ

**ଭବାନୀପାଟଣା, ୯ ।୪(ସମିସ)**



ସ୍ଥାନୀୟ ଜୟ ପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟରେ ଓଡ଼ିଆ ପକ୍ଷ ଅବସରରେ ଆଜି ଆସ ବହିଟିଏ କିଣିବା କାର୍ଯ୍ୟକ୍ରମ ସହ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ରକ୍ତଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନେକ ଛାତ୍ରଛାତ୍ରୀ ବହିଟିଏ କିଣି ମହାବିଦ୍ୟାଳୟ ପ୍ରାଙ୍ଗଣରେ ନିଜର ପୁସ୍ତକକୁ ପ୍ରଦର୍ଶିତ କରିବା ସହ ଓଡ଼ିଆ ଅସ୍ମିତା ଆବେଗରେ ଅତି ଉଲ୍ଲସିତମନେ କରୁଥିଲେ। ଓଡ଼ିଆ ସାହିତ୍ୟର ବ୍ୟାକରଣ, ଇତିହାସ, ଅନେକ ଗ୍ରନ୍ଥାବଳୀ, କବି ଓ ସ୍ରଷ୍ଟାଙ୍କ ଲିଖିତ ପୁସ୍ତକ ଓ କବିତା, ମହାପୁରୁଷଙ୍କ ଜୀବନୀ ବାର୍ତ୍ତା, କ୍ଷୁଦ୍ର ଗଳ୍ପ, ନାଟକ, ପୁରାଣ, ଆରକଥା ତଥା ଆଞ୍ଚଳିକ ସାହିତ୍ୟ ଓ ସଂସ୍କୃତିର ଅନେକ ପୁସ୍ତକ ପ୍ରଦର୍ଶିତ ହେବା ସହ ଛାତ୍ରଛାତ୍ରୀମାନଙ୍କୁ ପ୍ରଭାବିତ କରିଥିଲା। ଅଧ୍ୟକ୍ଷ ପରମେଶ୍ୱର ମୁଣ୍ଡ ଓ ଅଧ୍ୟାପକ ପୁରିତ ରଣା ଓଡ଼ିଆ ଭାଷା ଓ ସାହିତ୍ୟର ବିକାଶ ଓ ସଂରକ୍ଷଣ ଦିଗରେ ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ରକ୍ତଦାନ କାର୍ଯ୍ୟକ୍ରମ ଭଳି ଏକ ମହତ୍ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା। ଏଥିରେ ସମୁଦାୟ ୨୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିବାବେଳେ କଳାହାଣ୍ଡି ଭଳି ରକ୍ତ ଆବଶ୍ୟକ ପ୍ରବଣ ଅଞ୍ଚଳରେ ମହାବିଦ୍ୟାଳୟର ଏହିଭଳି କାର୍ଯ୍ୟକ୍ରମକୁ ସମସ୍ତେ ପ୍ରଶଂସା କରିଥିଲେ। ଏଥିରେ ରକ୍ତଦାନ କେନ୍ଦ୍ର କଳାହାଣ୍ଡି ଜିଲ୍ଲା ଶାଖାର ଡା. ରାମକୃଷ୍ଣ ବେହେରା, ଡୋଳାମଣୀ ମାଝୀ, ସଞ୍ଜୀବ ମହାଖୁଡ ଓ ଗିରିଶ ନାୟକ ପ୍ରମୁଖ ରକ୍ତଦାନ କାର୍ଯ୍ୟକ୍ରମର ସଞ୍ଚାଳନ କରିଥିଲେ। ଅଧ୍ୟାପକ ଶୁଭେନ୍ଦୁ କୁମାର ପାଢ଼ୀ, ଏନ୍‌ଏସ୍‌ଏସ୍ ଅଧିକାରୀ ପ୍ରତାପ ଚନ୍ଦ୍ର ଦାଶ, ଏନସିସି ଅଧିକାରୀ ସୁଶାନ୍ତ କୁମାର ଦାଶ, ଫାଲଗୁନୀ ପ୍ରଧାନୀ, ମୀନକେତନ ସାହୁ, ମିକୁମିକ୍ସ ନିଆଲ, ମନ୍ଦାକିନୀ ପ୍ରଧାନ, ଅନୁକୁଲ ସାହାଣି ପ୍ରମୁଖ ସହଯୋଗ କରିଥିଲେ।

